RNI No.ODIODI/2010/33031
୧୭ ବର୍ଷ Volume-17
ISSUE -115 ସଂଖ୍ୟା-୧୧୫
ଭୁବନେଶ୍ୱର, ବୁଧବାର ୧୫ ଜୁଲାଇ ୨୦୨୬
Bhubaneswar, Wednesday 15 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



### ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗ

# ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଗିରଫ

**ସବୁ ଜାଣିଥିଲେ, ତଥାପି ଛାପିବାକୁ ଦେଇଥିଲେ ଅନୁମତି**
**ଜାମିନ ଖାରଜ ପରେ ଜେଲ୍ ଗଲେ**
**ମନୋଜ ପାଢ଼ୀଙ୍କ ପରେ କାହା ପାଳି**

ଭୁବନେଶ୍ୱର, ୧୪।୭: ସରକାରଙ୍କୁ ଅଡୁଆରେ ପକାଇ ଦେଇଥିବା ବହୁ ଚର୍ଚ୍ଚିତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏସ୍‌ସିଇଆରଟି)ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ମଙ୍ଗଳବାର ଗିରଫ କରିଛି କ୍ରାଇମବ୍ରାଞ୍ଚ। ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରାଯାଇ କଟକ ଜେଏମଏଫସି-୩ କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ଆବେଦନ ଖାରଜ ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।

ସେ ଗିରଫ ହେବା କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବାର୍ତ୍ତାରେ ସାଂଘାତିକ କଥା କୁହାଯାଇଛି। ତଦନ୍ତ ବେଳେ ତାଙ୍କ ବିରୋଧରେ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସଠିକ୍ ଭାବେ ଯାଞ୍ଚ ନ କରି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପି (ପ୍ରିଣ୍ଟ-ରେଡି ମାନୁସ୍କ୍ରିପ୍ଟ)କୁ ମନୋଜ ପାଢ଼ୀ ଜାଣିଶୁଣି ଅନୁମୋଦନ କରିବା ସହିତ ପ୍ରକାଶନ ପାଇଁ ପଠାଇଥିଲେ ବୋଲି କ୍ରାଇମବ୍ରାଞ୍ଚ କହିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ ମନୋଜ




କୁମାର ପାଢ଼ୀ ଶିକ୍ଷକ ଶିକ୍ଷା (ଟିଇ) ଏବଂ ଏସସିଇଆରଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କୁ ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ଅଧୀନରେ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ସାମଗ୍ରିକ ତତ୍ତ୍ୱାବଧାନ, ସମନ୍ୱୟ, ଅନୁଧ୍ୟାନ ଓ ଅନୁମୋଦନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ସାଧୁତାର ସହିତ ନିଜର ସରକାରୀ କର୍ତ୍ତବ୍ୟ ସଠିକ୍ ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥିଲେ। ପାଠ୍ୟପୁସ୍ତକଗୁଡ଼ିକର ତଥ୍ୟଗତ, ବୈଜ୍ଞାନିକ, ଭୌଗୋଳିକ, ଅନୁବାଦ ଏବଂ ଚିତ୍ରାତ୍ମକ ବିଷୟବସ୍ତୁଗୁଡ଼ିକର ସଠିକ୍ ଯାଞ୍ଚ ନକରି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପି (ପ୍ରିଣ୍ଟ-ରେଡି ମାନୁସ୍କ୍ରିପ୍ଟ) କୁ ଜାଣିଶୁଣି ଅନୁମୋଦନ କରିବା ସହ ପ୍ରକାଶନ ପାଇଁ ପଠାଇଥିଲେ, ଯାହାକି ଏକ ଅପରାଧିକ ଅବହେଳା ଅଟେ। ତାଙ୍କର ଏଭଳି କାର୍ଯ୍ୟ ଏବଂ ତ୍ରୁଟି ଯୋଗୁ ଭୁଲ୍ ତଥ୍ୟ ଥିବା ପାଠ୍ୟପୁସ୍ତକଗୁଡ଼ିକ ପ୍ରକାଶିତ ହୋଇଥିଲା ଓ ସେଗୁଡିକୁ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ରାଜ୍ୟ ରାଜକୋଷକୁ ପ୍ରାୟ ୧୭୫ କୋଟି ଟଙ୍କାର ଅଯଥା କ୍ଷତି ସହିବାକୁ ପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ମନୋଜ ପାଢ଼ୀଙ୍କ ବିରୋଧରେ ମିଳିଥିବା ପ୍ରମାଣ ଆଧାରରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ର ଧାରା ୩୧(୫), ୨୦୧, ୬୧(୨) ଏବଂ ୩(୫)ରେ ମାମଲା ରୁଜୁ କରାଯାଇଛି।

## ଆସୁଛି ବଡ଼ ଲଘୁଚାପ

ଭୁବନେଶ୍ୱର, ୧୪।୭: ଉତ୍ତର ବଙ୍ଗୋପସାଗର ଓ ତାର ସଂଲଗ୍ନ ଦକ୍ଷିଣ ବାଂଲାଦେଶ ପାଖରେ ଘୁର୍ଣ୍ଣିବଳୟ ସକ୍ରିୟ ରହିଛି । ସମୁଦ୍ର ପତନ ଠାରୁ ୭.୬ ଉଚ୍ଚତା ପର୍ଯ୍ୟନ୍ତ ରହିଥିବା ବେଳେ ଉତ୍ତର ପଶ୍ଚିମକୁ ଢଳିକି ରହିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ପଶ୍ଚିମ ବଙ୍ଗଳାଦେଶ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆଗାମୀ ୪ ଦିନ ଯାଏ ପ୍ରବଳରୁ ଅତି ପ୍ରବଳ ଓ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଆଗାମୀ ୪୮ ଘଣ୍ଟା ପାଇଁ ରେଡ୍ ୱାର୍ଣ୍ଣିଂ ଏବଂ ଅରେଞ୍ଜ ଆଲର୍ଟ ଓଡ଼ିଶା ଉପରେ ରହିବ । ତିନି ଉପକୂଳବର୍ତ୍ତୀ ଜିଲ୍ଲା ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି ।

ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟାରେ କେନ୍ଦ୍ରାପଡା, ଜଗତସିଂହପୁର ଓ ଭଦ୍ରକ ଏହି ୩ ଜିଲ୍ଲାରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ପ୍ରାୟ ୨୦ ସେମିରୁ ଉର୍ଦ୍ଧ୍ୱ ବର୍ଷା ହୋଇପାରେ । ସେହିପରି ପ୍ରବଳରୁ ଅତି ପ୍ରବଳ ବର୍ଷାକୁ ନେଇ ବାଲେଶ୍ୱର ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ନୟାଗଡ଼, ମୟୁରଭଞ୍ଜ ଓ କେନ୍ଦୁଝର ଏହି ୧୦ ଜିଲ୍ଲାରେ ପ୍ରବଳ ରୁ ଅତି ପ୍ରବଳ ବର୍ଷା (୧୨ରୁ ୨୦ ସେମି.) ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି । ସେହିପରି ଢେଙ୍କାନାଳ, ଅନୁଗୁଳ, କନ୍ଧମାଳ, ବୌଦ୍ଧ ଦେଓଗଡ ଓ ସୁନ୍ଦରଗଡ ଏହି ୭ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ ।

ସେହିପରି ଆସନ୍ତାକାଲି ଜଗତସିଂହପୁରରେ ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଥିବା ବେଳେ କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, କଟକ, ପୁରୀ, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଓ କେନ୍ଦୁଝର ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ରାୟଗଡା,ଗଂଜାମ,ଗଜପତି, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, ମୟୁରଭଞ୍ଜ, ବାଲେଶ୍ୱର, ଦେଓଗଡ, ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ୧୭ ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ । ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ଘଣ୍ଟାପ୍ରତି ୪୫ ରୁ ୫୦ କିଲୋମିଟର ପବନ ବହିବାର ସମ୍ଭାବନା ରହିଛି । ସର୍ବାଧିକ ପବନର ବେଗ ୬୦ କିମି ରହିବ । ସେହିପରି ଆସନ୍ତା ୧୮ ତାରିଖ ଯାଏ ସମୁଦ୍ର ଅଶାନ୍ତ ରହିବ । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

## ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ୯.୮୭%କୁ ବୃଦ୍ଧି

ନୂଆଦିଲ୍ଲୀ ୧୪।୭(ନି.ପ୍ର.):: ଜୁନ୍ ମାସ ପାଇଁ ଆଜି ପ୍ରକାଶିତ ପାଇକାରୀ ମୁଦ୍ରାସ୍ଫୀତି ୯.୮୭ ପ୍ରତିଶତକୁ ବୃଦ୍ଧି ପାଇ ଦୁଇଅଙ୍କ ମୁହାଁ ହୋଇଛି। ମେ ମାସରେ ଏହା ୯.୬୮ ପ୍ରତିଶତ ରହିଥିଲା। ଜୁନ୍ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ୪.୩୮ ପ୍ରତିଶତରେ ପହଞ୍ଚିଥିବା ରିପୋର୍ଟ ଗତକାଲି ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ଆସିଥିଲା। ଗତ ୧୭ ମାସ ମଧ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ପହଞ୍ଚିବା ସହିତ ରିଜର୍ଭ ବ୍ୟାଙ୍କର ଧାର୍ଯ୍ୟ ସର୍ବୋଚ୍ଚ ସୀମା ୪ ପ୍ରତିଶତକୁ ମଧ୍ୟ ଅତିକ୍ରମ କରିଯାଇଛି। ମେ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୩.୯୩ ପ୍ରତିଶତ ରହିଥିଲା।

ଉଭୟ ଖାଦ୍ୟ ଓ ଅଣଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ଉପରମୁହାଁ ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ହର୍ମୁଜ ବନ୍ଦର ପ୍ରଭାବ ଦରବୃଦ୍ଧିରେ ପ୍ରତିଫଳିତ ହୋଇଛି। ପେଟ୍ରୋଲିୟମ ଉତ୍ପାଦ ସମେତ ଖଣିଜ ତେଲ, ଖାଦ୍ୟ ସାମଗ୍ରୀ, ମୌଳିକ ଧାତୁ, ରସାୟନିକ ସାମଗ୍ରୀ ଆଦିର ଦରବୃଦ୍ଧି ପାଇକାରୀ ମୁଦ୍ରାସ୍ଫୀତିକୁ ଅଧିକ ଗତିଶୀଳ କରିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରାଳୟ କହିଛି।

ଜୁନ ମାସରେ ଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ୫.୪୯ ପ୍ରତିଶତ ରହିଛି। ମେ ମାସରେ ଏହା ୩.୬୦ ପ୍ରତିଶତ ରହିଥିଲା। ଅଣଖାଦ୍ୟ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ଜୁନରେ ୧୧.୦୭ ପ୍ରତିଶତରେ ଏବଂ ଖଣିଜ ସାମଗ୍ରୀର ମୁଦ୍ରାସ୍ଫୀତି ୯.୪୫ ପ୍ରତିଶତରେ ରହିଛି। ବିନିର୍ମାଣ ସାମଗ୍ରୀର ପାଇକାରୀ ମୁଦ୍ରାସ୍ଫୀତି ମେ ମାସ ଭଳି ୭.୪୮ ପ୍ରତିଶତରେ ସ୍ଥିର ରହିଛି। ପାଇକାରୀ ମୁଦ୍ରାସ୍ଫୀତି ଅଧିକ ଦିନ ଉଚ୍ଚସ୍ତରରେ ରହିଲେ ଖୁଚୁରା ମୁଦ୍ରାସ୍ଫୀତିରେ ଏହାର ପ୍ରତିଫଳନ ଦେଖିବାକୁ ମିଳିବ। ଏହାହେଲେ ଖାଉଟିମାନେ ଅସୁବିଧାରେ ପଡିବେ।

### ଭୋଜଶାଳା ମନ୍ଦିର ବିବାଦ
## ଶୁକ୍ରବାର ନମାଜ ପାଇଁ ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୪।୭(ନି.ପ୍ର.): ମଧ୍ୟପ୍ରଦେଶର ଧାରରେ ଥିବା ଭୋଜଶାଳା-କମଲ ମୌଲା ମସଜିଦ କମ୍ପ୍ଲେକ୍ସ ନିକଟରେ ଶୁକ୍ରବାର ନମାଜ ପ୍ରାର୍ଥନା ପାଇଁ ଆଜି ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଏହି କମ୍ପ୍ଲେକ୍ସକୁ ନିକଟରେ ମନ୍ଦିର ବୋଲି ଘୋଷଣା କରିଥିଲେ। ଏହା ବିରୋଧରେ ମୁସଲିମ ପକ୍ଷ ଆବେଦନ କରିଥିଲେ ହେଁ ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟ ଉପରେ କୌଣସି ରୋକ ଲଗାଇ ନାହାନ୍ତି। ତଥାପି ମୁସଲିମ ପକ୍ଷଙ୍କୁ ବିବାଦୀୟ ସ୍ଥାନ ନିକଟରେ ଶୁକ୍ରବାର ନମାଜ ପାଇଁ ଅନୁମତି ଦେଇଛନ୍ତି।

## ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ ୧୪।୭(ନି.ପ୍ର.): ଦୀର୍ଘ ୧୫ ଦିନର ଅଣସର ନୀତି ପରେ ଆଜି ରତ୍ନବେଦୀରେ ନବଯୌବନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି କାଳିଆ ଠାକୁର। ପବିତ୍ର ସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁଗନ୍ଧିତ ଜଳରେ ମହାସ୍ନାନ ପରେ ଅତ୍ୟଧିକ ଜଳ ଅଭିଷେକ ଯୋଗୁଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଗୁପ୍ତ ସେବାରେ ରହିଥିଲେ। ଏହି ସମୟରେ ଦଇତାପତି ସେବକମାନେ ପ୍ରଭୁଙ୍କ ଶ୍ରୀଅଙ୍ଗ ସେବା, ଔଷଧ ଉପଚାର ଓ ଗୁପ୍ତ ନୀତି ସମ୍ପନ୍ନ କରିଥିଲେ।

ଆଜି ସକାଳୁ ଶ୍ରୀମନ୍ଦିରର ଦ୍ୱାର ଖୋଲିବା ପରେ ରତ୍ନବେଦୀରେ ପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ ପାଇଁ ଭୋରରୁ ହିଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଦଶମୀ ତିଥିରେ ଶ୍ରୀମୁଖ ଶୃଙ୍ଗାର, ଖଡ଼ି ଲାଗି ଓ ବନକଲାଗି ନୀତି ସମ୍ପନ୍ନ ହେବା ପରେ ପ୍ରଭୁଙ୍କୁ ଏହି ନୂତନ ଓ ସତେଜ ରୂପ ପ୍ରଦାନ କରାଯାଇଥିଲା। ଦୀର୍ଘ ୧୫ ଦିନ ପରେ ମହାପ୍ରଭୁଙ୍କ ଏହି ଦିବ୍ୟ ଦର୍ଶନ ପାଇ ଭକ୍ତମାନେ ଭାବବିହ୍ୱଳ



ହୋଇପଡ଼ିଥିଲେ। 'ହରିବୋଲ' ଧ୍ୱନି ଓ ହୁଳହୁଳିରେ ସମଗ୍ର ଶ୍ରୀକ୍ଷେତ୍ର ପ୍ରକମ୍ପିତ ହୋଇଉଠିଥିଲା।ନବଯୌବନ ଦର୍ଶନକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କ ଅସମ୍ଭବ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବଳୟ ସହ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଫଳରେ ହଜାର ହଜାର ଶ୍ରଦ୍ଧାଳୁ ସୁରୁଖୁରୁରେ ମହାପ୍ରଭୁଙ୍କ ଦର୍ଶନ କରିପାରିଥିଲେ।ଧାର୍ମିକ ବିଶ୍ୱାସ ରହିଛି ଯେ, ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ନବଯୌବନ ବେଶ ଦର୍ଶନ କଲେ ପୁଣ୍ୟ ଲାଭ ସହ ସମସ୍ତ ପାପ କ୍ଷୟ ହୋଇଥାଏ। ସେଥିପାଇଁ ପ୍ରତିବର୍ଷ ଏହି ଦର୍ଶନ ପାଇଁ ଦେଶ ଓ ବିଦେଶରୁ ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରକୁ ଧାଇଁ ଆସନ୍ତି।ନବଯୌବନ ଦର୍ଶନ ହେଉଛି ରତ୍ନବେଦୀରେ ମହାପ୍ରଭୁଙ୍କ ଶେଷ ଦର୍ଶନ। କାରଣ ଆସନ୍ତାକାଲି ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାରେ ମହାପ୍ରଭୁ ତିନି ରଥରେ ଆରୋହଣ କରି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିବେ। ଏହାକୁ ନେଇ ଏବେ ସାରା ପୁରୀ ଭକ୍ତି, ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶରେ ଉତ୍ସବମୁଖର ହୋଇଉଠିଛି।

## ଆଜିଠୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପାଇଁ ଆବେଦନ

ଭୁବନେଶ୍ୱର, ୧୪।୭(ନି.ପ୍ର.): ଚଳିତ ବର୍ଷର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭ ନିମନ୍ତେ ୧୫ ଜୁଲାଇରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏହା ୧୪ ଅଗଷ୍ଟ ଯାଏଁ ଚାଲିବ। ଏନେଇ ଆଜି (ମଙ୍ଗଳବାର) ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬-୨୭' ର ମାର୍ଗଦର୍ଶିକା ଉନ୍ମୋଚନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲଓ୍ୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଇଆରସିଟିସି ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଅନୁଜ ଦତ୍ତଙ୍କ ସମେତ ଆଇଆରସିଟିସି ଏବଂ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗଣମାଧ୍ୟମକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନେ ଯେପରି ସମ୍ମାନ, ସୁରକ୍ଷା ଏବଂ ସରକାରୀ ସହାୟତା ସହିତ ଦେଶର ବିଭିନ୍ନ ପବିତ୍ର ଧାର୍ମିକ ସ୍ଥଳୀ ଭ୍ରମଣ କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଉଲ୍ଲେଖଯୋଗ୍ୟ, ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ ରୁ ଅଧିକ ବରିଷ୍ଠ ନାଗରିକ ଏହି 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା'ର ଲାଭ ଉଠାଇ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି।

## ଗିରଫ ହେଲେ ଓସିସି ଅଧିକାରୀ

ଭୁବନେଶ୍ୱର ୧୪।୭(ନି.ପ୍ର.): ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କଡ଼ା ଅଭିଯାନ ଜାରି ରହିଥିବାବେଳେ ଆଉ ଜଣେ ବରିଷ୍ଠ ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେସନ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର କିସପଟ୍ଟାଙ୍କୁ ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ। ସେ ବର୍ତ୍ତମାନ ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପରେ ଡେପୁଟେସନରେ କାର୍ଯ୍ୟରତ ଥିଲେ।

ଭିଜିଲାନ୍ସ ପକ୍ଷରୁ ସଞ୍ଜୟ କିସପଟ୍ଟାଙ୍କ ସହ ସମ୍ପୃକ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ତାଙ୍କ ନାମରେ ରହିଥିବା ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି। ସବୁଠୁ ବଡ଼ କଥା ହେଉଛି, ପ୍ରାୟ ୮,୦୦୦ ବର୍ଗଫୁଟ୍ ? ଅଞ୍ଚଳରେ ନିର୍ମିତ ୨୩ଟି କୋଠରୀ ବିଶିଷ୍ଟ ଏକ ଆଲିଶାନ ବାଣିଜ୍ୟିକ ଲଜ୍ ? ଠାବ ହୋଇଛି। ଏହି ଲଜ୍ ?ରେ ପ୍ରାୟ ଥ୍ରୀ-ଷ୍ଟାର ହୋଟେଲ ଭଳି ସମସ୍ତ ସୁବିଧା ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହାଛଡ଼ା ତାଙ୍କ ନାମରେ ୨ଟି ବହୁତଳ କୋଠା,



୯ଟି ଉଚ୍ଚମୂଲ୍ୟର ପ୍ଲଟ୍ ?, ବ୍ୟାଙ୍କରେ ୪୬.୦୯ ଲକ୍ଷ ଟଙ୍କା ଜମା, ୧.୧୬ ଲକ୍ଷ ଟଙ୍କା ନଗଦ, ୩୨୫.୫୬୨ ଗ୍ରାମ ସୁନା, ୧.୧୨୧ କିଲୋଗ୍ରାମ ରୂପା ଓ ୨ଟି ଚାରିଚକିଆ ଗାଡ଼ି ମଧ୍ୟ ଜବତ କରାଯାଇଛି।

ଭିଜିଲାନ୍ସ ଅଧିକାରୀମାନଙ୍କ କହିବା ଅନୁଯାୟୀ, ଏହି ବିପୁଳ ସମ୍ପତ୍ତିର ଉତ୍ସ ସମ୍ପର୍କରେ ସଞ୍ଜୟ କିସପଟ୍ଟା ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ତଦନ୍ତରେ ଏହି ସମ୍ପତ୍ତି ତାଙ୍କ ଜଣାଶୁଣା ଆୟ ଉତ୍ସଠାରୁ ଅନେକ ଗୁଣ ଅଧିକ ବୋଲି ଭିଜିଲାନ୍ସ ସନ୍ଦେହ କରୁଛି।

ଏହି ଘଟଣାରେ କୋରାପୁଟ ଭିଜିଲାନ୍ସ ଥାନା କେସ୍ ? ନଂ-୧୫/୨୦୨୬ ରୁଜୁ କରାଯାଇଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ମାମଲା ଦାଖଲ ହୋଇଥିବାବେଳେ ତାଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ?ଙ୍କ ଅଦାଲତରେ ହାଜର କରାଯିବ। ଭିଜିଲାନ୍ସ କହିଛି ଯେ, ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ। ଏହି ମାମଲାରେ ଅଧିକ ତଦନ୍ତ ଚାଲିଥିବାରୁ ଆଗକୁ ଆଉ ନୂଆ ତଥ୍ୟ ସାମ୍ନାକୁ ଆସିପାରେ।

## କୋଭିଡ୍‌କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜରୁରୀ ସମୀକ୍ଷା ବୈଠକ

ଭୁବନେଶ୍ୱର ୧୪।୭(ନି.ପ୍ର.): ରାଜ୍ୟରେ କୋଭିଡ୍ ସ୍ଥିତିକୁ ନେଇ ସରକାର ସତର୍କ ହୋଇପଡ଼ିଛନ୍ତି। ସମ୍ଭାବ୍ୟ ସଂକ୍ରମଣ ବୃଦ୍ଧିକୁ ଆଖିଆଗରେ ରଖି ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେଉଛି। ବୈଠକରେ ରାଜ୍ୟର ବର୍ତ୍ତମାନ କୋଭିଡ୍ ପରିସ୍ଥିତି, ସ୍ୱାସ୍ଥ୍ୟ ବ୍ୟବସ୍ଥାର ପ୍ରସ୍ତୁତି ଓ ଆଗାମୀ କାର୍ଯ୍ୟଯୋଜନା ଉପରେ ବିସ୍ତୃତ ଆଲୋଚନା ଚାଲିଛି।ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସ୍ୱାସ୍ଥ୍ୟ ସଚିବ, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଛନ୍ତି। ହସ୍ପିଟାଲଗୁଡ଼ିକରେ ବେଡ୍ ?, ଅକ୍ସିଜେନ, ଔଷଧ ମହଜୁଦ, ଚିକିତ୍ସା ସୁବିଧା ଓ ଜରୁରୀ ପରିସ୍ଥିତିରେ ସ୍ୱାସ୍ଥ୍ୟ ସେବାକୁ କିପରି ଆହୁରି ସୁଦୃଢ଼ କରାଯିବ, ସେନେଇ ସମୀକ୍ଷା କରାଯାଉଛି।ଏହାସହ କୋଭିଡ୍ ସଂକ୍ରମଣ ବଢ଼ିଲେ ତୁରନ୍ତ କିପରି ପଦକ୍ଷେପ ନିଆଯିବ ଏବଂ ଲୋକଙ୍କ ସୁରକ୍ଷା ପାଇଁ କେଉଁ ପ୍ରକାର ବ୍ୟବସ୍ଥା କରାଯିବ, ସେନେଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇପାରେ। ରାଜ୍ୟ ସରକାର ପରିସ୍ଥିତି ଉପରେ ସତର୍କ ନଜର ରଖିଥିବା ବେଳେ, ଆବଶ୍ୟକ ପଡ଼ିଲେ ତୁରନ୍ତ ପଦକ୍ଷେପ ନେବାକୁ ପ୍ରଶାସନ ପ୍ରସ୍ତୁତ ଥିବା ସୂଚନା ମିଳିଛି।

### ଡାହୁକ



ସେବା କରିବାର ପ୍ରତିଶ୍ରୁତି ଦେଇ
ଜନତାଙ୍କୁ ପଟି ଚଢେଇ
ଜେଲେ କୁ ଯାଇ ଫେରିଛନ୍ତି ଯିଏ
ମଶାଙ୍କୁ ବାଡେଇ ବାଡେଇ
ତାଙ୍କୁ ପଦୁଆଁ ଦଳିଆ କୋଳେଇ
ପଞ୍ଝୁରି ଭିତରେ ରଖୁଛନ୍ତି ମାନେ
ସୁନା ଅଣ୍ଡା ଦିଆ ଚଢେଇ।
-ବିଧୁ

# ରଥଯାତ୍ରା ପାଇଁ ରେଳବାଇର ମହା ପ୍ରସ୍ତୁତି

## ଚାଲିବ ୩୦୦ରୁ ଅଧିକ ସ୍ପେଶାଲ ଟ୍ରେନ୍, ପଶ୍ଚିମ-ଦକ୍ଷିଣ ଓଡ଼ିଶାରୁ ପୁରୀ ଯିବା ହେବ ସହଜ

ଭୁବନେଶ୍ୱର ୧୪।୭(ନି.ପ୍ର.): ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬କୁ ନେଇ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଚରମରେ ପହଞ୍ଚିଥିବାବେଳେ, ଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳ ପକ୍ଷରୁ କରାଯାଇଛି ବଡ଼ ବ୍ୟବସ୍ଥା। ଚଳିତ ବର୍ଷ ରଥଯାତ୍ରା ଅବସରରେ ୩୦୦ରୁ ଅଧିକ ସ୍ପ ?ଶାଲ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥା ଫଳରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ପୁରୀ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଯାତ୍ରା ହେବ ଅଧିକ ସୁଗମ ଓ ସୁବିଧାଜନକ।

ଇଷ୍ଟ କୋଷ୍ଟ ରେଳବାଇ ସୂଚନା ଅନୁସାରେ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଭକ୍ତଙ୍କୁ ବିଶେଷ ସୁବିଧା ଦେବା ପାଇଁ ଜଗଦଳପୁର-ପୁରୀ, ରାୟଗଡା-ପୁରୀ, ସମ୍ବଲପୁର-ପୁରୀ ଏବଂ ଶାଳିମାର-ପୁରୀ ରୁଟ୍ ?ରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବ। ଏହାଦ୍ୱାରା ଦୂରଦୂରାନ୍ତର ଭକ୍ତମାନେ ଅତିରିକ୍ତ ଭିଡ଼ର ସମସ୍ୟାରୁ ମୁକ୍ତି ପାଇବେ। ଜଗଦଳପୁର-ପୁରୀ



ସ୍ପ ?ଶାଲ ଟ୍ରେନ୍ (୦୮୫୫୩) ଜୁଲାଇ ୧୫ ଓ ୨୩ ତାରିଖ ସକାଳ ୬ଟାରେ ଜଗଦଳପୁରରୁ ଛାଡ଼ି ପରଦିନ ରାତି ୧ଟା ୪୦ ମିନିଟ୍ ?ରେ ପୁରୀରେ ପହଞ୍ଚିବ। ଫେରନ୍ତା ୦୮୫୫୪ ଟ୍ରେନ୍ ଜୁଲାଇ ୧୬ ଓ ୨୪ ତାରିଖ ସନ୍ଧ୍ୟା ୭ଟା ୧୫ ମିନିଟ୍ ?ରେ ପୁରୀରୁ ଛାଡ଼ି ପରଦିନ ଦିନ ୧ଟା ୧୫ ମିନିଟ୍ ?ରେ ଜଗଦଳପୁରରେ ପହଞ୍ଚିବ। ଏହି ଟ୍ରେନ୍ କୋରାପୁଟ, ଜୟପୁର, କୋଟପାଡ୍, ରାୟଗଡା, ଗୁଣୁପୁର, ପାରଳାଖେମୁଣ୍ଡି, ପାଲାସା ଓ ଖୋର୍ଦ୍ଧା ରୋଡ୍ ? ଭଳି ପ୍ରମୁଖ ଷ୍ଟେସନରେ ରହଣି କରିବ।ସେହିପରି ଶାଳିମାର-ପୁରୀ ସ୍ପ ?ଶାଲ ଟ୍ରେନ୍ (୦୮୫୬୫/୦୮୫୬୬) ଜୁଲାଇ ୧୫ ଓ ୨୩ ତାରିଖ ସନ୍ଧ୍ୟା ୬ଟାରେ ଶାଳିମାରରୁ ଛାଡ଼ି ପରଦିନ ସକାଳ ୬ଟାରେ ପୁରୀ ପହଞ୍ଚିବ। ଫେରନ୍ତା ଟ୍ରେନ୍ ଜୁଲାଇ ୧୭ ଓ ୨୫ ତାରିଖ ରାତି ୧୨ଟା ୩୦ ମିନିଟ୍ ?ରେ ପୁରୀରୁ ବାହାରି ପରଦିନ ଦିନ ୧ଟା ୩୦ ମିନିଟ୍ ?ରେ ଶାଳିମାର ପହଞ୍ଚିବ। ଏହା ସନ୍ତରାଗାଛି, ମେଚେଦା, ଖଡ଼ଗପୁର, ବେଲଦା, ଦାନ୍ତନ, ଜଳେଶ୍ୱର, ବସ୍ତା, ରୂପସା, ବାଲେଶ୍ୱର ଓ ସୋର ଭଳି ଷ୍ଟେସନରେ ଅଟକିବ। ଏହା ବ୍ୟତୀତ ରାୟଗଡା-ପୁରୀ ଏବଂ ସମ୍ବଲପୁର-ପୁରୀ ରୁଟ୍ ?ରେ ମଧ୍ୟ ନିର୍ଦ୍ଧାରିତ ଦିନରେ ସ୍ପ ?ଶାଲ ଟ୍ରେନ୍ ଚଳାଚଳ କରିବ। ରଥଯାତ୍ରା ସମୟରେ ପୁରୀରେ ଭକ୍ତଙ୍କ ଅଭୂତପୂର୍ବ ସମାଗମକୁ ଦୃଷ୍ଟିରେ ରଖି ରେଳବାଇ ଏହି ବ୍ୟାପକ ପଦକ୍ଷେପ ନେଇଛି। ଫଳରେ ଟିକେଟ୍ ଚାପ କମିବା ସହ ଯାତ୍ରୀମାନେ ଅଧିକ ସୁରକ୍ଷିତ, ସୁବିଧାଜନକ ଓ ସମୟାନୁସାରେ ପୁରୀ ପହଞ୍ଚି ମହାପ୍ରଭୁଙ୍କ ଦର୍ଶନର ସୌଭାଗ୍ୟ ଲାଭ କରିପାରିବେ।

## କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଲୁଟ୍

ବନ୍ତ, ୧୪।୭(ନି.ପ୍ର.): ଗତକାଲି (ସୋମବାର) ରାତିରେ ଭଦ୍ରକଜିଲ୍ଲା ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକରେ ଏକ ବଡ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଘରେ ପଶି ଘରମାଲିକଙ୍କ ପୁଅ ମୁଣ୍ଡରେ ବନ୍ଧୁକ ରଖି ଘରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ପଞ୍ଚାନନ ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ରାତି ପ୍ରାୟ ୮.୪୫ ମିନିଟରେ ୮ଜଣ ମୁଖାଧାରୀ ଦୁର୍ବୃତ୍ତମାନେ ତାଙ୍କ ଘରେ ପଶିଥିଲେ। ସେମାନଙ୍କୁ ମାରଣାସ୍ତ୍ର ଓ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରିବାରର ସମସ୍ତ ଲୋକଙ୍କୁ ଗୋଟେ ଘରେ ବନ୍ଦ କରିଦେଇଥିଲେ। ଏହାପରେ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ପଳାଇଥିଲେ। ଗଲାବେଳେ ତାଙ୍କ ଘରେ ଲାଗିଥିବା ସିସି କ୍ୟାମେରାର ହାର୍ଡଡିସ୍କ ନେଇଯାଇଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଟଙ୍କା ଓ ସୁନା ମିଶିକି ପ୍ରାୟ ୧ କୋଟି ଟଙ୍କା ହେବ ।



# ଯାଜପୁର ଜିଲ୍ଲାରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ

ଯାଜପୁର,୧୪।୭ :(ମନ୍ଥନ) ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଏବଂ ସାମାଜିକ ଉନ୍ନତିକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ଯାଜପୁର ଜିଲ୍ଲାର ଧର୍ମଶାଳା ଷ୍ଟାଡିୟମ୍, ଜାରକା ଠାରେ ଆଂଚଳିକ ସୁଭଦ୍ରା ଶକ୍ତି ଭିଜନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଯାଜପୁର ସମେତ ଭଦ୍ରକ, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲ୍ଲା ର ବ୍ଲକ ଫେଡେରେସନ ସଦସ୍ୟାଗଣ, ଧର୍ମଶାଳା ବିଧାନସଭା କ୍ଷେତ୍ରର କମ୍ୟୁନିଟି ସପୋର୍ଟ ଷ୍ଟାଫ, ଅଙ୍ଗନବାଡ଼ି କର୍ମୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଜିଲ୍ଲାର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ଭାବେ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ଭିଜନ ସମ୍ମିଳନୀର ଆୟୋଜନ କରାଯାଇଛି। ସୁଭଦ୍ରା ଯୋଜନା ମହିଳାମାନଙ୍କୁ କେବଳ ଆର୍ଥିକ ସହାୟତା ଯୋଗାଇବାରେ ସୀମିତ ନୁହେଁ, ବରଂ ସେମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ଦିଗରେ ଏକ ବୃହତ୍ ପଦକ୍ଷେପ। ମିଶନ ଶକ୍ତି ମାଧ୍ୟମରେ ଅଧିକରୁ ଅଧିକ ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ସରକାରଙ୍କ ଲକ୍ଷ୍ୟ। ବିକଶିତ ଓଡ଼ିଶାରେ ପ୍ରତ୍ୟେକ ମହିଳା ଜଣେ ଉଦ୍ୟୋଗୀ ହେବେ। ସୁଭଦ୍ରା ଯୋଜନା ଓଡ଼ିଶା ସରକାରଙ୍କ ଏକ ସଫଳ ଯୋଜନା, ଯାହା ଦ୍ୱାରା ରାଜ୍ୟର ୧ କୋଟିରୁ ଅଧିକ ମହିଳା ଉପକୃତ ହୋଇ ପାରିଛନ୍ତି। ଆହୁରି ମଧ କହିଛନ୍ତି ଯେ, ସରକାର ମହିଳାମାନଙ୍କ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ବିଭିନ୍ନ ସହାୟତା ଯୋଗାଇ ଦେଉଛନ୍ତି,



ଯେଉଁଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ ଏବଂ ସ୍ମାର୍ଟ ଆଇଡିଆ ଲଂଚ୍ କରି ବ୍ୟବସାୟ ପ୍ରତିଷ୍ଠା କରିବା ଅନ୍ତର୍ଭୁକ୍ତ । ସୁଭଦ୍ରା ଶକ୍ତି ମହିଳା ମାନଙ୍କ ପାଇଁ ବିଭିନ୍ନ ଉଦ୍ୟୋଗୀ କାମ ଦିଆସିଲ, ଝାଡୁ, ଖଲି, ଧୂପ କାଠି, ସାବୁନ, ସେଂଟ ଇତ୍ୟାଦି ତିଆରି କରିବାକୁ ପରାମର୍ଶ ଦେଇଥିଲେ। ମହିଳା ମାନଙ୍କ ଦ୍ୱାରା ବନା ଯାଇଥିବା ସ୍ୱଦେଶୀ ହସ୍ତଶିଳ୍ପ ବିଦେଶରେ ପ୍ରଭାବ ପକାଇଛି। ମହିଳା ସଶକ୍ତିକରଣ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ୨୦୩୬ ମସିହା ପାଇଁ ଓଡ଼ିଶାକୁ ବିକଶିତ କରିବାକୁ ହେବ ବୋଲି କହିଥିଲେ। ବି.ଏଲ.ଏଫ୍ ଭଉଣୀ ମାନଙ୍କ ପାଇଁ ଇନ୍ସୁରାନ୍ସ ର ଆବଶ୍ୟକତା ଅଛି ବୋଲି କହିଥିଲେ। ଢେଙ୍କାନାଳର ଆମ୍ବ ଓ କାଜୁ କୁ ପ୍ରୋତ୍ସାହନ ଦେବା ନିମନ୍ତେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ବଡ଼ଚଣା ଅମର କୁମାର ନାୟକ କହିଲେ ମହିଳାମାନେ ଆଗରୁ ସମାଜ ଆଖିରେ ଗୋଟେ ବୋଝ ହୋଇ ରହୁଥିଲେ। କିନ୍ତୁ ଆଜି ସେ ଦିନ ନାହିଁ ଆଜିର ମହିଳା ସଶକ୍ତ ଓ ଉଦ୍ୟୋଗୀ ବନି ପାରୁଛନ୍ତି। ସୁଭଦ୍ରା ଯୋଜନା' କେବଳ ଏକ ଆର୍ଥିକ ସହାୟତା ନୁହେଁ, ଏହା ମା'ମାନଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନର ପ୍ରତୀକ। ଆମ ଓଡ଼ିଶାର ପ୍ରତିଟି ମା' ଓ ଭଉଣୀଙ୍କ ଭିତରେ ଅସୀମ ସାମର୍ଥ୍ୟ ରହିଛି। ସେମାନଙ୍କୁ କେବଳ ସଠିକ୍ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ଧର୍ମଶାଳା ହିମାଂଶୁ ଶେଖର ସାହୁ କହିଲେ ଆମ ଅଂଚଳର ପ୍ରତିଟି ମା' ଓ ଭଉଣୀଙ୍କୁ ସଶକ୍ତ କରିବା ଆମର ସଂକଳ୍ପ। ସରକାରଙ୍କ ପ୍ରତିଟି ଯୋଜନା, ବିଶେଷ କରି ମହିଳା କଲ୍ୟାଣକାରୀ କାର୍ଯ୍ୟକ୍ରମ ଗୁଡ଼ିକୁ ତୃଣମୂଳ ସ୍ତରରେ ପହଂଚାଇବା ପାଇଁ ଆମେ ପ୍ରତିବଦ୍ଧ। ବିଶେଷକରି ସୁଭଦ୍ରା ଯୋଜନା ଯେପରି ପ୍ରତି ଯୋଗ୍ୟ ମହିଳା ପାଇପାରିବେ, ସେଥିପାଇଁ ଆମେ ପ୍ରଶାସନ ସହ ମିଶି କାର୍ଯ୍ୟ କରୁଛୁ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ କୋରେଇ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ, ଯାଜପୁର ଆକାଶ ଦାସନାୟକ କହିଲେ ସୁଭଦ୍ରା ଯୋଜନା ଓଡ଼ିଶା ସରକାରଙ୍କ ଏକ ସଫଳ ଯୋଜନା, ଯାହା ଦ୍ୱାରା ରାଜ୍ୟର ୧ କୋଟିରୁ ଅଧିକ ମହିଳା ଉପକୃତ ହୋଇପାରିଛନ୍ତି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ,ଜିଲ୍ଲା ମିଶନ ଶକ୍ତି ବିଭାଗ ଜଏଂଟ ସେକ୍ରେଟାରୀ ମମତା ବାରିକ,ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ଶାସନ ସଚିବ,ଜିଲ୍ଲା ଓ ବ୍ଲକ୍ ରୁ ଆସିଥିବା ବି.ଏଲ.ଏଫ୍, ଏସ.ଏଚ.ଜି ମହିଳା, ବିଭାଗୀୟ ଅଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ଉପ ଜିଲ୍ଲାପାଳ, ଯାଜପୁର ତାପସ ରଞ୍ଜନ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରିରେ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍‌ର ଜିଲ୍ଲା ସ୍ତରୀୟ ସମନ୍ୱୟ କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, ୧୪।୭ :(ମନ୍ଥନ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଚେତନତା ଓ ସମନ୍ୱୟ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଯାଇଛି ।କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲ୍ଲା ପୋଲିସ ଅନ୍ୟାନ୍ୟ ସହବନ୍ଧିତ ବିଭାଗ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ସମସ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଣି ଡ଼ା ମିନତୀ ମହାନ୍ତି ଏବଂ ଆଇନ ସହାୟକ ପରିଚାଳକ ସୂର୍ଯ୍ୟ ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି (ଲିଙ୍ଗ ଚୟନ ନିଷେଧ ଅଧିନିୟମ ୧୯୯୪) ଏବଂ ଗର୍ଭବସ୍ଥାର ଚିକିତ୍ସାଗତ ସମାପନ ଅଧିନିୟମ (ସଂଶୋଧନ) ୨୦୧୧ ଆଧାରରେ ପୋଲିସ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକର ଆଇନଗତ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାକୁ ସେମାନେ ମାର୍ଗଦର୍ଶନ ପ୍ରଦାନ କରିଥିଲେ ।ଆରକ୍ଷୀ ଅଧିକ୍ଷକଙ୍କ ପରାମର୍ଶ କ୍ରମେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସରକାରଙ୍କ ଦ୍ୱାରା ପ୍ରଣୀତ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଯଥା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫, ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ ଅଧିନିୟମ ୨୦୧୨, ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬, ଅନୈତିକ ବ୍ୟବସାୟ (ନିବାରଣ) ଅଧିନିୟମ ୧୯୫୬ ଏବଂ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ ଉପରେ ଆଲୋଚନା କରିଥିଲେ। ଏହି ସମସ୍ତ ଅଧିନିୟମଗୁଡ଼ିକର ସଠିକ୍ ଏବଂ ଦୃଢ଼ କାର୍ଯ୍ୟକାରିତା ଦ୍ୱାରା ହିଁ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ ଏବଂ ଏକ ଆଦର୍ଶ ଶିଶୁ ସୁଲଭ ଜିଲ୍ଲା ଭାବେ ଗଢ଼ିତୋଳା ଯାଇପାରିବ ବୋଲି ସେ ମତାମତ ପ୍ରଦାନ କରିଥିଲେ ।ଏହି ସମନ୍ୱୟ ସମାବେଶରେ



ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଗୋପାଳ କୃଷ୍ଣ ରଥଙ୍କ ସମେତ ସମିତିର ସମସ୍ତ ସଦସ୍ୟ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଟି. ଜୟାଲକ୍ଷ୍ମୀ ଓ ମିନାକ୍ଷୀ ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀ ଏବଂ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ଶିଶୁ ସହାୟକ ହେଲ୍ପଲାଇନ, ମହିଳା ସହାୟତା ହେଲ୍ପଲାଇନ, 'ସଖି' ଏବଂ 'ଶକ୍ତି ସଦନ'ର କର୍ମକର୍ତ୍ତା ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ?ର ସୁଦେସ୍ନା ରାଉତ, ରୀନା ମାଢ଼ି, ସୌମ୍ୟରଂଜନ ସ୍ୱାଇଁ, ଶିବ ପ୍ରସାଦ ନାୟକ ଓ ଚକ୍ରପାଣି ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ, ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ମିନାକ୍ଷୀ ପ୍ରଧାନ ବିଭାଗୀୟ ଅଧିକାରୀମାନଙ୍କର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପକୁ ହ୍ରାସ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହାପରେ କାର୍ଯ୍ୟକ୍ରମର ସଫଳ ସମାପନ ଘୋଷଣା କରାଯାଇଥିଲା।

# କେଏନଡିଏ ସମ୍ମିଳନୀ କକ୍ଷ, ବ୍ୟାସନଗର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର,୧୪।୭ :(ମନ୍ଥନ)ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡ଼ିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୨୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, , ଭାରପ୍ରାପ୍ତ ତହସିଲଦାର , ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ।

# ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ଶ୍ରଦ୍ଧାଞ୍ଜଳି

ଯାଜପୁର,୧୪।୭ :(ମନ୍ଥନ) ଦାନ ଦରିଦ୍ରଙ୍କ ପରମ ସେବକ, ପ୍ରଚଣ୍ଡ ଦେଶପ୍ରେମୀ, ଆଧ୍ୟାତ୍ମବାଦୀ, ଓଡ଼ିଆ ଜାତି ଓ ସ୍ୱାଭିମାନର ମଉଡ଼ମଣୀ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମହାନ୍ ଶ୍ରାଦ୍ଧ ୯୮ତମ ତିଥିକୁ ସମ୍ମାନ ଜଣାଇ ତାରାମଦନ ସ୍ଥିତ ବୈଷ୍ଣବଦତ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ପୌରାହିତ୍ୟରେ ଏକ ସମର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁରର ବିଶିଷ୍ଟ ସମାଜ ସେବୀ, ଗାନ୍ଧୀବାଦୀ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନିସିତ୍ କୁମାର ଦାସ, ସୁ ସାହିତ୍ୟିକ ତଥା ଶିକ୍ଷାବିତ୍ ଦାମୋଦର ବେହେରା, ଯାଜପୁର ମୁଖ୍ୟ ଡ଼ାକ ଘରର ପୋଷ୍ଟ ମାଷ୍ଟର ଜ୍ଞାନଚାନ୍ଦ ପରିଡ଼ା ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ତଥା ଦୀପଦାନ କରି ତାଙ୍କ ମହାନ୍‌ଆତ୍ମାକୁ ନମନ ତଥା ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲା। ଗୋପବନ୍ଧୁ ଦାସ କୋଟି କୋଟି ମଣିଷଙ୍କ ପାଇଁ ଯେଉଁ ମାନବିକତାର ଆଦର୍ଶ ରଖିଯାଇଛନ୍ତି । ମା, ମାଟି, ମଣିଷକୁ ଭଲପାଇବାରେ ଯେଉଁ ମନ୍ତ୍ର ଦେଇଯାଇଛନ୍ତି ତାହା ଆଜିର ଯୁବ ସମାଜ, ଛାତ୍ରଛାତ୍ରୀ ଉତରପୀଢ଼ି ଅନୁସରଣ କରିବା ଉଚିତ୍ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ। ନିସିତ୍ ଦାସଙ୍କ ଭଉଣୀ ଯାଜପୁର ମାଟିର ଚର୍ଚ୍ଚିତ ଶିକ୍ଷୟିତ୍ରୀ, ସମାଜ ସେବୀକା ଅମଳା ଦାସ, ଙ୍କ ସ୍ମୃତି ସୌରଭକୁ ସମ୍ମାନ ଜଣାଇ ଯାଜପୁରରେ ଏହି ମହାମାନବଙ୍କର ପୂଜାର୍ଚ୍ଚନା ସମସ୍ତଙ୍କ ପାଇଁ ଏକ ମହା ପ୍ରେରଣା ବୋଲି ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅତିଥି ପ୍ରମୁଖର ସ୍ୱିକାର କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ ଗୋପବନ୍ଧୁଙ୍କ ପ୍ରତି ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିଲେ। ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

# ଓଲିଉଡ଼ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଯୋଜକ ଭାବେ ପୁରସ୍କୃତ ହେଲେ କୁଚିଣ୍ଡା ଲାଡ ଗ୍ରାମର ଅଭିନେତା ସଞ୍ଜୟ ପାତ୍ର

କୁଚିଣ୍ଡା,୧୪।୭ :(ମନ୍ଥନ)ଗତ ସୋମବାର ଦିନ ଭୁବନେଶ୍ୱର ଜୟଦେବ ଭବନରେ ଓଲିଉଡ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ରେ ସବୁ ବର୍ଗର ମୋଟ ୭୩୯ଟି ଫିଲ୍ମ ଯୋଗଦାନ କରିଥିଲେ ।ସେଇ ମଧ୍ୟରୁ 'ଅନନ୍ତା' କୁ ଶ୍ରେଷ୍ଠ ସିନେମା ଭାବେ ପୁରସ୍କୃତ କରିଥିଲେ ।ଏହା ସହିତ ଶ୍ରେଷ୍ଠ ଅଭିନେତା ବାବୁଶାନ ମହାନ୍ତି 'ବୋଉ ବୁଟୁ ଭୁତ' ଫିଲ୍ମ କୁ ନେଇ ପ୍ରଦାନ କରିଥିଲେ। ଶ୍ରେଷ୍ଠ ଅଭିନେତ୍ରୀ ଶିବାନୀ ସଙ୍ଗିତା 'ବରବଧୁ' ପାଇଁ ପୁରସ୍କୃତ ହୋଇଥିବା ବେଳେ, ନୂତନ ପଦାର୍ପଣ ଅଭିନେତ୍ରୀ ଓ ନୂତନ ପଦାର୍ପଣ ପ୍ରଯୋଜକ ଭାବେ 'କସ୍ତୁରୀଡ' ସିନେମାର ଅଭିନେତ୍ରୀ କୁକୁଜ୍ ସ୍ୱାଇଁ ଓ ନୂଆଁ କରି ଓଲିଉଡ ଜଗତରେ ଯୋଗଦେଇଥିବା ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଲାଡ ଗ୍ରାମର ଜଣେ ଅଭିନେତା ତଥା ଜଣେ ସୁନାମ ଧନ୍ୟ 'କସ୍ତୁରୀ' ଫିଲ୍ମ ପ୍ରଯୋଜକ ସଂଜୟ ପାତ୍ର ଙ୍କୁ ପୁରସ୍କୃତ କରାଯାଇଛି ।ପ୍ରେମଲତା ସିନେ ପ୍ରଡକ୍ସନ୍ ହାଉସ୍ ର ମୁଖ୍ୟ ସଦସ୍ୟ ଅଧ୍ୟାପକ ସତ୍ୟ ନାରାୟଣ ପଟେଲ୍, ସୁଜିତ୍ ବୁଡା, କୁମାର ବିକ୍ରମ, ଯୁଧୀଷ୍ଠିର କିସାନ, ଓମ୍ ପ୍ରସାଦ ପଟେଲ୍ ପୁରସ୍କୃତ ବିତରଣ କାର୍ଯକ୍ରମରେ ସାମିଲ ହୋଇଥିଲେ ।ଏହି ଅବସରରେ ସମଗ୍ର କୁଚିଣ୍ଡା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ସମସ୍ୟା ବହୁଳ ସରକରୀ ବଲାଙ୍ଗିର କଲେଜ ବୁଲିଲେ ନରସିଂହ

ବଲାଙ୍ଗିର,୧୪।୭ :(ମନ୍ଥନ)ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିର ସହର ରେ ଥିବା ବଲାଙ୍ଗିର ସରକାରୀ ମହାବିଦ୍ୟାଳୟ ସମସ୍ୟା ବୁଝିବା ପାଇଁ କଲେଜ ଅଧ୍ୟକ୍ଷ, ଅଧାପକ କର୍ମଚାରୀ ଓ ଛାତ୍ର ଛାତ୍ରୀଙ୍କ ସହ ଏକ ବାର୍ତ୍ତା ବିନିମୟ କରିଛନ୍ତି । ଶ୍ରୀ ମିଶ୍ର ନିଜେ ଆଇନମନ୍ତ୍ରୀ ଥିବା ବେଳେ ସେ ସମୟରେ କେବଳ ଏହି ଗୋଟିଏ କଲେଜକୁ ସରକାରୀ ମାନ୍ୟତା ପ୍ରଦାନ କରିଥିଲେ । ପରବର୍ତ୍ତି ସମୟରେ ଏହି କଲେଜ ପୁଇଁନ୍ତଲା ସୋନପୁର ରାସ୍ତାରେ ଏହାର ନିଜସ୍ୱ କୋଠା ପାଇଥିଲା କିନ୍ତୁ ସରକାରୀ ଓ ପ୍ରଶାସନି ଅବହେଳା ଯୋଗୁଁ କଲେଜରେ ଛାତ୍ର ଛାତ୍ରୀ ସଂଖ୍ୟା ପୂର୍ଣ୍ଣମାତ୍ରାରେ ଥିଲେ ହେଁ ଅଧାପକ, ଅଣ ଶିକ୍ଷକ କର୍ମଚାରୀ ଓ ଭିତ୍ତିଭୂମି ଘୋର ଅଭାବ ଦେଖାଦେଇଛି। ଏହି କଲେଜର ଛାତ୍ର ମାନବଶାସ୍ତ୍ର ବିଭାଗରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଟପର ହୋଇଥିଲେ ହେଁ କଲେଜ ରେ ଆଜି ପର୍ଯ୍ୟନ୍ତ ମାନବଶାସ୍ତ୍ର ବିଭାଗରେ ଅଧାପକ ନାହାନ୍ତି । ଏହା ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ଶ୍ରୀ ମିଶ୍ର କ୍ଷୋଭର ସହ ନିଜ ପ୍ରତିକ୍ରିୟାରେ କହିଛନ୍ତି । କଲେଜରେ କେବଳ ଏହି ଗୋଟିଏ ବିଭାଗ ନୁହେଁ ଇତିହାସ, ଲାଇବ୍ରେରୀ ବିଜ୍ଞାନ, ମନସ୍ତତ୍ୱ ବିଜ୍ଞାନ ଏବଂ ସୋସିଓଲୋଜି ବିଭାଗ ମଧ ଅଧାପକ ସୁନ୍ୟ ଭାବେ ଚାଲିଛି। ଅନ୍ୟ ବିଭାଗ ଗୁଡିକ ମଧ ମଞ୍ଜୁରିପ୍ରାପ୍ତ ପଦବୀ ତୁଳନାରେ ଅନେକ ପଦବୀ ଖାଲି ପଡିଥିବାର ଅଭିଯୋଗ ଛାତ୍ର ଛାତ୍ରୀମାନେ କରିଥିଲେ। କଲେଜରେ



ଆଜି ପର୍ଯ୍ୟନ୍ତ କ୍ରୀଡା ଶିକ୍ଷକ ନାହାନ୍ତି । ଛାତ୍ର ଛାତ୍ରୀଙ୍କ ନିରାପତ୍ତା ପାଇଁ କଲେଜରେ ଚାରିଆଡେ ପାଚେରି ନାହିଁ। ସାଇକେଲ ଷ୍ଟାଣ୍ଡ ନାହିଁ। ନାହିଁ ନାହିଁ ରେ ଥିବା ଏହି କଲେଜ କୁ ସରକାର ର ଉଚ୍ଚ ଶିକ୍ଷା ବିଭାଗ କାହିଁକି ଗୁରୁତ୍ୱ ଦେଉନାହିଁ ସେ ସବୁର ଉତ୍ତର ମଗାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ଛାତ୍ର ଛାତ୍ରୀଙ୍କ ସହ ଆଲୋଚନା ବେଳେ ଛାତ୍ର ଓ ଛାତ୍ରୀଙ୍କ କମନ ରୁମ ନ ଥିବା ଜଣାପଡିଥିଲା। ତା ସହ ଶିକ୍ଷକ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଘର ଏବଂ କଲେଜର ଅନେକ ବିଭାଗରେ ନାମ ଲେଖା ହେଉଥିବାରୁ ଶ୍ରେଣୀ ଗୃହ ଦରକାର ବୋଲି କଲେଜ ତରଫରୁ ବିଭାଗିୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଛାତ୍ର ଛାତ୍ରୀ ତଥା ଅଧାପକମାନେ ଅଭିଯୋଗ କରିଥିଲେ। ସବୁ ସମସ୍ୟା ଶୁଣି ସାରିଲା ପରେ ଶ୍ରୀ ମିଶ୍ର ଯାହା ସବୁ ଅସୁବିଧା ଅଛି ସେ ସବୁ କୁ ନେଇ ଏକ ଚିଠି ପ୍ରଦାନ କରିବାକୁ କହିବା ସହ ପ୍ରାଥମିକତା ଭିତ୍ତିରେ ସମସ୍ୟା ଗୁଡିକର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଆଲୋଚନାରେ କଲେଜର ଅଧ୍ୟକ୍ଷ କୌତୁକ ପନ୍ଦର ଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧାପକ, ଅଧାପିକା ଛାତ୍ର ଛାତ୍ରୀ ତଥା ଅଣ ଶିକ୍ଷକ କର୍ମଚାରୀ ସାମିଲ ଥିଲେ।

# ବୁଗୁଡ଼ା ବସଷ୍ଟାଣ୍ଡରେ ନାହିଁ ପ୍ରତୀକ୍ଷାଳୟ , ଯାତ୍ରୀ ହନ୍ତସନ୍ତ, ପ୍ରତିକାର ଦାବି

ବୁଗୁଡ଼ା : ତା ୧୩/୦୭/୨୬ : ସ୍ଥାନୀୟ ନୂଆଁ ବସଷ୍ଟାଣ୍ଡରେ ଯାତ୍ରୀମାନଙ୍କ ବିଶ୍ରାମ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ନୈନିକ ଶତାଧିକ ଯାନବାହାନ ଏହି ବସଷ୍ଟାଣ୍ଡ ଦେଇ ଚଳାଚଳ ହେଉଥିବାବେଳେ ଗାଡ଼ିକୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନର ବ୍ୟବସ୍ଥା ନାହିଁ। ଫଳରେ ଖରାବେଳେ ଟିକିଏ ଛାଇ ପାଇବା ପାଇଁ ଲୋକେ ସେଠାରେ ଥିବା ବିଭିନ୍ନ ଦୋକାନ ସମ୍ମୁଖରେ ରହିବାକୁ ବାଧ ହେଉଛନ୍ତି ଏବଂ ଛିଛାକର ଶୁଣିବାକୁ ପଡୁଛି। ବର୍ଷା ସମୟରେ ଅବସ୍ଥା କହିଲେ ନସରେ , ଯାତ୍ରୀଙ୍କ ସମେତ ବୁଲା ଗାଈଗୋରୁ



ତିନ୍ତିବାରୁ ବର୍ତ୍ତିବା ପାଇଁ ଗୋଟିଏ ସ୍ଥାନରେ ରହିବାକୁ ପଡୁଛି । ପ୍ରତୀକ୍ଷାଳୟ ବିହୁନେ ଯାତ୍ରୀଙ୍କ ଏହି ସମସ୍ୟା ସମ୍ପର୍କେ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ । ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀମାନେ ଉଭୟ ଖରା ଏବଂ ବର୍ଷା ସମୟରେ ହନ୍ତସନ୍ତ ହେଉଥିବାରୁ ସେମାନେ ଅସନ୍ତୋଷ ଜାହିର କରୁଥିବା ଦେଖିବାକୁ ମିଳୁଛି। ଏଣୁ, ଯାତ୍ରୀଙ୍କ ସୁବିଧା ସକାଶେ ଏକ ପ୍ରତୀକ୍ଷାଳୟର ବ୍ୟବସ୍ଥା ନିମନ୍ତେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଗୁଲନଗର ହାଇସ୍କୁଲ ଅଫିସ ଭିତରେ ପାଣି

କେନ୍ଦ୍ରାପଡ଼ା,୧୪।୭ :(ମନ୍ଥନ) ପ୍ରବଳ ବର୍ଷାରେ ଗୁଲନଗର ହାଇସ୍କୁଲ ପରିସର ଉଦବୃତ୍ତ ଜଳରେ ବୁଡି ରହିଛି ।ଫଳରେ ଦୈନିକ ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ବର୍ଷାପାଣି ଭିତରେ ପଶି ଯିବାଆସିବା କରୁଛନ୍ତି। ଏହି ଉଦବୃତ୍ତ ଜଳ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସ ଘର ଭିତରେ ପଶିଯିବାରୁ ଅଫିସ କାର୍ଯ୍ୟରେ ବାଧା ଉପୁଜିଛି। ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି ରହିଥିବା ବେଳେ ଅଫିସ ଘର ଭିତରେ ମଧ ଏକ ଫୁଟରୁ ଉର୍ଦ୍ଧ୍ୱ ପାଣି ଜମି ରହିଛି। ଛାତ୍ରଛାତ୍ରୀମାନେ ଦୈନିକ ସେହି ପାଣି ଭିତରେ ପଶି ସ୍କୁଲକୁ ଆସିବା ଓ ଫେରିବା ଯୋଗୁଁ ସେମାନେ ଥଣ୍ଡା, କାଶ ଓ ଜ୍ୱର ପ୍ରଭୃତିରେ ଆକ୍ରାନ୍ତ ହେଉଛନ୍ତି। ଏଥିସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଫିସ ଭିତରେ ଉଦବୃତ୍ତ ବର୍ଷାଜଳ ପଶିଯିବାରୁ କାର୍ଯ୍ୟରେ ବାଧା ଉପୁଜିବା ସହ କାଗଜପତ୍ର ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ତରାଇ ଜିଲ୍ଲାପାଳଙ୍କୁ ଅବଗତ କରାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲାପାଳ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।କିନ୍ତୁ ଏପର୍ଯ୍ୟନ୍ତ ସେହି ସମସ୍ୟାର କୌଣସି ସମାଧାନ ହୋଇନଥିବା ଜଣାପଡିଛି। ବିଦ୍ୟାଳୟର ପିଲାମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ଛାତ୍ରାଭିଭାବକମାନେ ଦାବି କରିଛନ୍ତି।

# ରଥଯାତ୍ରା-୨୦୨୬ ଅବସରରେ ରାୟଗଡ଼ ପୌରପରିଷଦ ଆନୁକୂଲ୍ୟରେ ସ୍ୱଚ୍ଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ

ରାୟଗଡା,୧୪।୭ :(ମନ୍ଥନ)ପବିତ୍ର ରଥଯାତ୍ରା-୨୦୨୬ ପାଳନ ଅବସରରେ ରାୟଗଡ଼ ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ପି ମହେଶ ପଟନାୟକଙ୍କ ନେତୃତ୍ୱରେ ' ସଫେଇ ଆପଣାଅ ବିମାରୀ ଭଗାଅ' ସ୍ୱଚ୍ଛତା କାର୍ଯ୍ୟକ୍ରମ ଅଧିନରେ ଏକ ବ୍ୟାପକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରଥଯାତ୍ରା ଅବସରରେ ସହରର ବଡ଼ଦାଣ୍ଡକୁ ପରିଷ୍କାର, ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ପରିବେଶରେ ପରିଣତ କରିବା




ସହ ଭକ୍ତମାନଙ୍କ ପାଇଁ ସୁବ୍ୟବସ୍ଥିତ ଯାତ୍ରାର ସୁନିଶ୍ଚିତତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ସ୍ୱଚ୍ଛତା ଅଭିଯାନରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ୱାର୍ଡର କାଉନ୍ସିଲର୍ ଏବଂ ସ୍ୱଚ୍ଛ କର୍ମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ବଡ଼ଦାଣ୍ଡ ଓ ଏହାର ଆଖପାଖ ଅଞ୍ଚଳର ସଫେଇ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଲଦୀପ କୁମାର ସମସ୍ତ ଜନସାଧାରଣଙ୍କୁ ରାୟଗଡ଼ ସହରକୁ ସଫା ଏବଂ ସୁରକ୍ଷିତ ରଖିବା ପାଇଁ ଅପିଲ କରିଛନ୍ତି।ସେ କହିଛନ୍ତି ସହରକୁ ସଫା ଏବଂ ସୁରକ୍ଷିତ ରଖିବାପାଇଁ ରାୟଗଡ ପୌରପରିଷଦ ସଂକଳ୍ପ ବଦ୍ଧ । ଏହାକୁ ଆହୁରି ସୁଦୃଢ଼ କରିବା ପାଇଁ ଜନସାଧାରଙ୍କ ସହଯୋଗ ଏକାନ୍ତ କାମ୍ୟ । ରାୟଗଡ଼ ପୌରପରିଷଦ ସମସ୍ତ ନାଗରିକଙ୍କୁ ପବିତ୍ର ରଥଯାତ୍ରା-୨୦୨୬ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସ୍ୱଚ୍ଛ, ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ରଥଯାତ୍ରା କାମନା କରୁଛି।

# ଚିତ୍ରକୋଣ୍ଡାରେ ବନ ବିଭାଗର ବଡ଼ ସଫଳତା: ପିକଅପ୍ ଭ୍ୟାନରୁ ୧୦ ଖଣ୍ଡ ମୂଲ୍ୟବାନ ଶିଶୁ କାଠ ଜବତ, ଜଣେ ଅଟକ

ମାଲକାନଗିରି,୧୪।୭ :(ମନ୍ଥନ) ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବନାଞ୍ଚଳରେ ବନ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ରାତ୍ରିକାଳୀନ ପାଟ୍ରୋଲିଂ ସମୟରେ ଏକ ପିକଅପ୍ ଭ୍ୟାନରୁ ୧୦ ଖଣ୍ଡ ମୂଲ୍ୟବାନ ଶିଶୁ କାଠ ଜବତ କରାଯାଇଥିବା ବେଳେ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ଜବତ କାଠର ଆନୁମାନିକ ସରକାରୀ ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ବୋଲି ବନ ବିଭାଗ ସୂଚନା ଦେଇଛି ।ସୂଚନା ଅନୁଯାୟୀ, ଚିତ୍ରକୋଣ୍ଡା ବନ ବିଭାଗର ଅଧିକାରୀମାନେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ବାଲିମେଳା ପଟୁ ଏକ ପିକଅପ୍ ଭ୍ୟାନ (ନଂ. ଡଓ-୧୦-ଔ-୭୨୮୪) ଦ୍ରୁତ ଗତିରେ ଆସୁଥିବା ଦେଖିଥିଲେ। ଗାଡ଼ିକୁ ଅଟକାଇବାକୁ ସଙ୍କେ?ତ ଦେଇଥିଲେ ମଧ ଚାଳକ ଗାଡ଼ି



ନଅଟକାଇ ଖସି ପଳାଇବାକୁ ଚେଷ୍ଟା କରିଥିଲା ।ଏହାପରେ ବନ ବିଭାଗର ଟିମ୍ ପିକଅପ୍ ଭ୍ୟାନକୁ ପିଛା କରି ମନ୍ତ୍ରୀପୁଟ-ଫୁଲପଦର ନିକଟରେ କାବୁ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୧୦ ଖଣ୍ଡ ମୂଲ୍ୟବାନ ଶିଶୁ କାଠ ଜବତ କରାଯାଇଥିଲା। ଏହି କାଠ କରୁକୋଣ୍ଡା ଅଞ୍ଚଳରୁ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଡଙ୍କରାଇ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ସନ୍ଦେହ କରାଯାଉଛି ।ଘଟଣା ସମୟରେ ଗାଡ଼ିରେ ଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିବା ବେଳେ ଜଣଙ୍କୁ ବନ ବିଭାଗ ଅଟକ ରଖିଛି। ଚୋରା କାଠ ଚାଲାଣ ପଛରେ ଥିବା ରାକେଟ୍, କାଠ କେଉଁଠାରୁ କଟାଯାଇଥିଲା ଏବଂ କେଉଁଠାକୁ ଚାଲାଣ ହେଉଥିଲା ସେନେଇ ଅଧିକ ତଦନ୍ତ ଚାଲିଛି ।ଅଟକ ଯୁବକଙ୍କୁ ଓଡ଼ିଶା ଫରେଷ୍ଟ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ସୂଚନା ଦେଇଛନ୍ତି।



# ପରିବେଶକୁ ସଜାଡିବାରେ ନବପ୍ରଭାତ ବିଦ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ପାରାଦୀପ, ୧୪।୭ :(ମନ୍ଥନ)ଦିନକୁ ଦିନ ପରିବେଶ ବିଗିଡି ଚାଲୁଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଥିଲେ ସୁଦ୍ଧା, ପର୍ଯ୍ୟାପ୍ତ ପରିମାଣରେ ଆହୁରି ବୃକ୍ଷରୋପଣ ଜରୁରୀ ହୋଇ ପଡୁ ଥିବାରୁ ନବପ୍ରଭାତ ବିଦ୍ୟାଳୟ କରିଛନ୍ତି ଅଭିନବ ପ୍ରୟାସ । କୁନିକୁନି ପିଲାମାନଙ୍କ ମଧ୍ୟରେ ବୃକ୍ଷ ରୋପଣ ପ୍ରତି ଆକର୍ଷିତ କରିବା ଏବଂ ବୃକ୍ଷ ଦ୍ୱାରା ଜୀବଜଗତ ରକ୍ଷା ଓ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଭାରତ ପେଟ୍ରୋଲିୟମ ମାର୍କେଟିଙ୍ଗ ଡିଭିଜନ ଦ୍ୱାରା ପାରାଦୀପ ବୃନ୍ଦାବନ କଲୋନୀ ଠାରେ ଥିବା ନବପ୍ରଭାତ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ନେଇ ବୃକ୍ଷ ରୋପଣ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ନେହେରୁବଙ୍ଗଳା ରେ ରହିଥିବା ପାରାଦୀପ ମେରାଇନ କୋ ଅପରେଟିଭ ସୋସାଇଟି ସହଯୋଗରେ ଭାରତ



ପେଟ୍ରୋଲିୟମ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଏକ ଶୃଙ୍ଖଳା ବୃକ୍ଷ ର ଚିତ୍ରରେ ପିଲାମାନେ ରଙ୍ଗ ଲଗାଇ ଏହାକୁ ହରାଭରା କରିଥିଲେ । ଯାହା ପିଲାମାନଙ୍କ ମଧ୍ୟରେ ବୃକ୍ଷ ପ୍ରତି ରହିଥିବା ଦାୟିତ୍ୱବୋଧକୁ ବୁଝିବା ସହିତ ଆଜିର ଶିଶୁ କାଲିର ଭବିଷ୍ୟତ ଭଳି ଆଜି ଲଗାଇଥିବା ବୃକ୍ଷ ଆସନ୍ତା କାଲି କିଭଳି ନିଜର ଭବିଷ୍ୟତ ପାଇଁ ଏକ ସୁନ୍ଦର ପରିବେଶ ସୃଷ୍ଟି କରିବ ଏ ନେଇ ବିଦ୍ୟାଳୟ ର ପିଲାମାନଙ୍କ ମଧ୍ୟରେ ବୃକ୍ଷ ଓ ପରିବେଶ ବିଷୟରେ ସଚେତନ କରାଯାଇଥିଲା । ପରେ ବିଦ୍ୟାଳୟ ଚତୁର୍ପାର୍ଶ୍ୱରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପିଲାମାନଙ୍କ ସହିତ ଭାରତ ପେଟ୍ରୋଲିୟମ ମାର୍କେଟିଙ୍ଗ ଡିଭିଜନ ର ଓଡିଶା ପ୍ରମୁଖ ଆଦିତ୍ୟ ଓ ପାରାଦୀପ ମେରାଇନ କୋ ଅପରେଟିଭ ସୋସାଇଟି ର ସଭାପତି ପୁରନ୍ଦର ବିଶ୍ୱାଳ ପ୍ରମୁଖ ବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ର କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯିବା ସହିତ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ଦୁଇ ଅଧିକାରୀ ।

# ଶିଶୁ ରଥଯାତ୍ରା ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ବୁଗୁଡା, ୧୪।୭ :(ମନ୍ଥନ) ବୁଗୁଡ଼ାରେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିସରରେ ଆୟୋଜିତ ଉକ୍ତ ବୈଠକରେ ତହସିଲଦାର ତାପସ ରାଉତ ଅଧକ୍ଷତା କରିଥିବା ବେଳେ ଏଥିରେ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବନପାଳ ସୁଧିର ପଟ୍ଟନାୟକ, ପରିଚାଳନା କମିଟି ସମ୍ପାଦକ ଶରତ ଚନ୍ଦ୍ର ମହାରଣା ଓ କୋଷାଧକ୍ଷ ରଘୁନାଥ ସାହୁ , ଗଙ୍ଗାଧର ବିଷୋୟୀ , ଦିନବନ୍ଧୁ ପାଣି, ଅଶୋକ ପାଣି, ଦେବେନ୍ଦ୍ର ପାଣିଙ୍କ ସମେତ ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟଗଣ ଉପସ୍ଥିତ ରହିଥିଲେ। ପବିତ୍ର ରଥଯାତ୍ରା ଦିନ ରଥ ପ୍ରତିଷ୍ଠା ସହ ଅପରାହ୍ନ



୩ଟାରେ ତିନି ଠାକୁରଙ୍କ ପହଣ୍ଡି ବିଜେ କରାଯାଇ ରଥାରୂଢ ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହେବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ବୁଗୁଡ଼ା ମୁଖ୍ୟ ସଡକରେ ଛୋଟବଡ ଶତାଧିକ ଖାଲ, ଘଟୁଛି ଦୁର୍ଘଟଣା, ପ୍ରତିକାର ଦାବି

ବୁଗୁଡ଼ା, ୧୪।୭ :(ମନ୍ଥନ)ବୁଗୁଡ଼ା ସହର ଉପକଣ୍ଠସ୍ଥ ପେଟ୍ରୋଲ ପମ୍ପଠାରୁ ସିନେମା ହଲ ଛକ ପର୍ଯ୍ୟନ୍ତ ମୁଖ୍ୟ ସଡକରେ ଛୋଟବଡ ଶତାଧିକ ଖାଲ ରହିଥିବାରୁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ମୁଖ୍ୟ ସଡକର ଅଧିକାଂଶ ସ୍ଥାନରେ ପିଚୁ ଉଠିଯାଇ ଛୋଟଛୋଟ ଗାଢ ସୃଷ୍ଟି ହୋଇଛି। ଯାନବାହାନରେ ଯାତାୟତ ବେଳେ ରାସ୍ତାରେ ଥିବା ମାଳମାଳ ଖାଲ ପ୍ରତି ସତର୍କତା ଅବଲମ୍ବନ ନକଲେ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ବିଶେଷକରି ବର୍ଷା ହେଉଥିବା ବେଳେ ରାସ୍ତାରେ ପାଣି ସୁଅ ଛୁଟିଥିବା ସମୟରେ ବାଇକ୍ ଚାଳକ ସେହି ଖାଲଖମା ଯୋଗୁଁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବର୍ଷା ଛାଡିବା ପରେ ମଧ୍ୟ ଖାଲରେ ଜମାଥିବା ପାଣି ଯାନବାହାନ ଚଳାଚଳ ବେଳେ ଅନ୍ୟ ଉପରକୁ ଛିଟିକି ପଡୁଥିବାରୁ ଲୋକଙ୍କ ମଧ୍ୟରେ ବାକବିତଣ୍ଡା ଭଳି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ରାଜ୍ୟ ରାଜପଥ ୩୩ରେ ସୃଷ୍ଟ ଏଭଳି ଖାଲଖମା ସମସ୍ୟା ପ୍ରତି ସ୍ଥାନୀୟ ପୂର୍ତ୍ତ ବିଭାଗ ଅଣଦେଖା କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଣୁ, ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରତିକାର କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି।

## ରାସ୍ତା କଡରେ ଭେଣ୍ଡିଂ ଜୋନ ନିର୍ମାଣ ଘଟଣା

# ରାତିଅଧିଆ ବିଲ କରିନେବାକୁ ତରବର

ଖଣ୍ଡପଡା, ୧୪।୭ :(ମନ୍ଥନ) ୩ ମାସ ତଳେ ସହରବାସୀଙ୍କ ତୀବ୍ର ବିରୋଧ ସତ୍ତ୍ବେ ଭେଣ୍ଡିଂ ଜୋନ ନିର୍ମାଣ କଲେ। ଏବେ ବିଲ ହାତେଇନେବାକୁ ମସୁଧା ହେଉଥିବା ସୂଚନା ମିଳିଛି। ଖଣ୍ଡପଡା ସହରାଞ୍ଚଳରେ ଯନ୍ତ୍ରୀ ଠିକାଦାରଙ୍କ ମଧୁଚନ୍ଦ୍ରିକା ଦାଣ୍ଡରେ ପଡି ହାଟରେ ଗଡୁଥିବା ବେଳେ ଏବେ ବିଲ ପାଇଁ ଅଭିନବ ପ୍ରୟାସ ଅନିୟମିତତା ହୋଇଥିବା ଆଶଙ୍କାକୁ ଦୃଢ କରିଛି। ମିଳିଥିବା ସୂଚନା ଅନୁଯାୟୀ ସହରାଞ୍ଚଳ ୧୨ ନଂ ୱାର୍ଡରେ ନିର୍ମାଣଧୀନ ଅସ୍ଥାୟୀ ଭେଣ୍ଡିଂ ଜୋନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଖଣ୍ଡପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ କାନ୍ଥକୁ ଲାଗି ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ପ୍ରକଳ୍ପ କାମକୁ ନେଇ ଖଣ୍ଡପଡା ପଞ୍ଚାୟତ ସମିତିର ଜନପ୍ରତିନିଧି ମାନେ ସେତେବେଳେ ବିରୋଧ କରିଥିଲେ। ଫଳରେ ପ୍ରକଳ୍ପ କାମ ପ୍ରାୟ



ଦୁଇ ବର୍ଷ ଧରି ବନ୍ଦ ରହିଥିଲା। ତେବେ ୩ ମାସ ତଳେ ପଞ୍ଚାୟତ ସମିତିର ଦ୍ୱିତୀୟ ଗେଟକୁ ଲାଗି ଏହି ପ୍ରକଳ୍ପକୁ ପୁଣିଥରେ ନିର୍ମାଣ କରଯାଇଛି। ନିମ୍ନମାନର କାମ ତଥା ବିବାଦ ଥମିନଥିବା ବେଳେ ଏବେ ବିଲ ମଞ୍ଜୁର କରାଯାଉଥିବା ନେଇ ଅଭିଯୋଗ ଆଣିଛନ୍ତି ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ। ଶ୍ରୀ ସାହୁଙ୍କ ଅଭିଯୋଗ ହେଲା ପ୍ରକଳ୍ପ ବାବଦରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୪ ମାସ ତଳେ ୧୨ ନଂ ୱାର୍ଡ ଅଧୀନ ତ୍ରିନାଥ ଛକ ଠାରୁ ୧୩ ନଂ ୱାର୍ଡ ସୌମ୍ୟବିହାର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ହୋଇଥିବା ବେଳେ ଶହ ଶହ ଲୋକଙ୍କ ଘର ଓ ବ୍ୟବସାୟ ପ୍ରତିଷ୍ଠାନ ବଳି ପଡିଥିଲା। ମାତ୍ର ସମାନ ୱାର୍ଡରେ ଉଚ୍ଛେଦ ସ୍ଥାନ ଠାରୁ ମାତ୍ର କେଇ ଶହ ମିଟର ଦୂରରେ ନୂତନ ନିର୍ମାଣ ଏନଏସି ପ୍ରଶାସନର ଦୋମୁହାଁ ନୀତି ଛଡା ଆଉ କିଛି ନୁହେଁ ବୋଲି ଶ୍ରୀ ସାହୁ କହିଛନ୍ତି। ଏଭଳି ସମସ୍ତ ଅଧାପାନ୍ତରିଆ ପ୍ରକଳ୍ପକୁ ବିଲ କରାଇନେବାକୁ ଯନ୍ତ୍ରୀ ସତ୍ୟନାରାୟଣ ମଣ୍ଡଳ ଆଖିବୁଜି ଦସ୍ତଖତ କରୁଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପ୍ରଭୁ ଜଗନ୍ନାଥଙ୍କ ନବଯୌବନ ବେଶ

ଖଣ୍ଡପଡା, ୧୪।୭ :(ମନ୍ଥନ) ଖଣ୍ଡପଡା ସହରାଞ୍ଚଳ ସ୍ଥିତ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ପୂର୍ବରୁ ଆଜି ପ୍ରଭୁ ଜଗନ୍ନାଥ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି। ଦୀର୍ଘ ୧୫ ଦିନ ଧରି ଅଣସର ଘରେ ଜ୍ୱରରେ ପୀଡିତ ହେବା ପରେ ସୁସ୍ଥ ଲାଭ କରି ଆଜି ପ୍ରଭୁ ଜଗନ୍ନାଥ ନବଯୌବନ

ବେଶରେ ଦର୍ଶନ ଦେଇଥିଲେ। ସହରାଞ୍ଚଳର ଅରାଧ ପ୍ରଭୁ ପତିତପାବନ ଓ ମହିମା ମେରୁଙ୍କ ପ୍ରାତଃ କାଳରୁ ଦ୍ୱାର ଫିଟା ନୀତି ଓ ମଙ୍ଗଳଆଳତୀ ପରେ ନବଯେ?ବନ ନୀତି ଅନୁଷ୍ଠିତ ହୋଇଥିଲା। ସମସ୍ତ ଗୁପ୍ତ ନୀତିକାନ୍ତି ପରେ ଭକ୍ତଙ୍କ ଲାଗି ଦ୍ୱାର ଖୋଲାଯାଇ ମଙ୍ଗଳ ଆଳତି ସହିତ ଦେ?ନନ୍ଦିନ ନୀତିକାନ୍ତି ଏବଂ ଭୋଗଲାଗି କରାଯାଇଥିଲା।

# ଶିକ୍ଷକ ଅଭାବ ,ସ୍କୁଲ ଗେଟରେ ତାଲା ପକାଇ ଧାରଣାରେ ଛାତ୍ରଛାତ୍ରୀ

ଗଞ୍ଜାମ,୧୪।୭ :(ମନ୍ଥନ)ଗଞ୍ଜାମ ବ୍ଲକ୍ ସାନ ରାମଚନ୍ଦ୍ରପୁର ପଞ୍ଚାୟତ ମଧୁରଚୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ର ଛାତ୍ରୀ ଓ ଅଭିଭାବକ। ଦୀର୍ଘ ଦିନ ଧରି ଏହି ସ୍କୁଲରେ ୧୯୬ ରୁ ଅଧିକ ଛାତ୍ର ଛାତ୍ରୀ ରହିଥିବା ବେଳେ ପ୍ରଧାନ ଶିକ୍ଷକଙ୍କୁ ମିଶାଇ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି । ଯେଉଁଥି ପାଇଁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବାଧା ପ୍ରାପ୍ତ ହେଉଛି । ଏନେଇ ବାରମ୍ବାର ଅଭିଯୋଗ କରିଲେ ମଧ



କୌଣସି ସୁଫଳ ମିଳିଲା ନାହିଁ । ଫଳରେ ମଙ୍ଗଳବାର ସେଥିପାଇଁ ସକାଳ ୧୦ ରୁ ସ୍କୁଲ ଆଗରେ ଗେଟରେ ତାଲା ପକାଇ ଧାରଣା ଦେଇଛନ୍ତି ଅଭିଭାବକ ଓ ଛାତ୍ରୀ ଛାତ୍ରୀ । ସ୍ଥାନୀୟ ଅଞ୍ଚଳରେ ଛାତ୍ର ଛାତ୍ରୀଙ୍କ ଭବିଷତ କୁ ଖେଳ ଖେଳା ଯାଇଥିବା ଅଭିଯୋଗ କରିଛନ୍ତି ଅବିଭାବକ । ଆଗାମୀ ଦିନରେ ଯଦି ସ୍କୁଲକୁ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରା ନଯାଏ ତାହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି ।

# ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ନାହାଙ୍ଗ ପରିସରରେ ଉତ୍କଳମଣିଙ୍କ ଶ୍ରାଦ୍ଧ ଦିବସ ପାଳିତ

ମାହାଙ୍ଗା,୧୪।୭ :(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅର୍ନ୍ତଗତ ନାହାଙ୍ଗ ସରକାରୀ କେନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିରଂଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତ ସଂସଦର ସଂପାଦକ ଗୌତମ ଚରଣ ଜେନା ବିଶିଷ୍ଟ ଅତିଥିଭାବେ ସ୍ତମ୍ଭକାର ବିବେକାନନ୍ଦ ଦାସ ଗୋପବନ୍ଧୁଙ୍କ ସେବା, ସାହିତ୍ୟ ଓ ଉତ୍କଳ ପ୍ରଦେଶ ଗଠନ ପାଇଁ କରିଥିବା ପ୍ରଚେଷ୍ଟା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଗୁରୁ ପ୍ରଫୁଲ୍ଲ କୁମାର ସିଂ, ଆଶୁକବି ବିଜୟ କୁଅଁର ଯୋଗଦେଇ ଏହି ଅବସରରେ ଗୋପବନ୍ଧୁଙ୍କ ଜୀବନୀ ଉପରେ ସ୍ୱରଚିତ କବିତା ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ବନଶ୍ରୀ ବାରିକ, ଗୁମିମଣି ସେରେନ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲା ବେଳେ ସିଆର୍‌ସିସି ଭାଗବତ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଶିଶୁ ମାନଙ୍କ କବିତା ଆସର ଅନୁଷ୍ଠିତ

ଡେଲାଙ୍ଗ, ୧୪।୭ :(ମନ୍ଥନ)ହାଟ ଡେଲାଙ୍ଗସ୍ଥିତ ବେଲେଶ୍ୱରୀ ମନ୍ଦିର ନିକଟରେ ଶିଶୁ ମାନଙ୍କର କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ତଥା ଶିକ୍ଷକ ପ୍ରଭାତ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବର୍ଷୀୟାନ କବି ଜଗନ୍ନାଥ ନାୟକଙ୍କ ସହ କବି ସୁଦର୍ଶନ ପ୍ରଧାନ, ହରିହର ବଳବନ୍ତରାୟ,ଦିତୀକୃଷ୍ଣ ମହାନ୍ତି, ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମାନଙ୍କ ସ୍ୱ ରଚିତା କବିତା ମାଧ୍ୟମରେ ଶିଶୁମାନଙ୍କ କବିତା ପାଠ ପ୍ରତ୍ୟକଙ୍କ ହୃଦୟ ଜିତିଥିଲା ।ଯୁବ କବି ନିରଞ୍ଜନ ସାମନ୍ତରାୟ କବିତା ଆସରକୁ ସଂଯୋଜନା କରିଥିଲେ। ନବଜାତ ଶିଶୁ ଅଭିଜିତ୍ ନାରାୟଣ ଏକୋଇଶି ଦିବସରେ ଆୟୋଜିତ ଏହି କବିତା ଆସରରେ ଶିକ୍ଷକ ବିଚିତ୍ରାନନ୍ଦ ନାୟକ, ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ ସେଠୀ, ବୁଦ୍ଧିଜୀବୀ ଉଲ୍ଲାସ ପ୍ରଧାନ, ଜିତେନ୍ଦ୍ର ସେଠୀ,ପ୍ରମୋଦ କୁମାର ସେଠୀ, ଦିଲ୍ଲୀପ ସାମନ୍ତରାୟ ସୁକାନ୍ତ ସିଂ, ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ପ୍ରମୁଖ ଯୋଗଦେଇ ଦେଶର ଭବିଷ୍ୟତ ଶିଶୁ ମାନଙ୍କ ପ୍ରତି ପରିବାର ଓ ସମାଜର ଶୁଭ ଦୃଷ୍ଟି ରହିବା ବାଞ୍ଛନୀୟ ବୋଲି କହିଥିଲେ।

# ନବ ଯୌବନ ରୂପରେ ଦର୍ଶନ ଦେଲେ ମହାପ୍ରଭୁ ଶ୍ରୀବଳଦେବଜୀଉ ତୁଳସୀକ୍ଷେତ୍ରରେ ନେତ୍ରଉତ୍ସବ ନୀତି ପାଳନ

କେନ୍ଦ୍ରାପଡ଼ା,୧୪।୭ :(ମନ୍ଥନ)କେନ୍ଦ୍ରାପଡ଼ାର ଆରାଧ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉ ଆଜି ହଜାର ହଜାର ଭକ୍ତଙ୍କୁ ନବ ଯୌବନ ରୂପରେ ଦର୍ଶନ ଦେଇଛନ୍ତି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ଯୋଗୁ ଶ୍ରୀଜୀଉ ଜ୍ୱରରେ ପୀଡ଼ିତ ହେବା ସହ ପନ୍ଦରଦିନ ଅଣସର ଘରେ ରହିଥିଲେ। ସେଠାରେ ଶ୍ରୀଜୀଉମାନଙ୍କୁ ସେବକଙ୍କ ଦ୍ୱାରା ଗୁପ୍ତ ସେବା କରାଯାଇଥିଲା। ଯାହା ଫଳରେ ଭକ୍ତ ମାନଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ ବାରଣ ଥିଲା। ଆଜି ପବିତ୍ର ନେତ୍ର ଉତ୍ସବ ଥିବାରୁ ହଜାର ହଜାର ଭକ୍ତ ଶ୍ରୀଜୀଉଙ୍କୁ ଦର୍ଶନ କରି କୃପାଲାଭ କରିଥିଲେ। ଆଜି ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ଦ୍ୱାର ଉନ୍ମୁକ୍ତ କରାଯାଇ ନେତ୍ର ଦାନ ନୀତି ସମ୍ପନ୍ନ କରାଯାଇଥିଲା। ପରେ ଜୟ ମଙ୍ଗଳା ଆଳତି, ନୀତି ନ୍ୟାସ, ହୋମ, ବଲ୍ଲଭ, ମଙ୍ଗଳାର୍ପଣ କରାଯାଇ ସୁଆର ସେବକ ହୋମକୁଣ୍ଡରୁ ଅଗ୍ନି ନେଇ ରୋଷ ଘରେ ସଂଯୋଗ କରି ଭୋଗ ପ୍ରସ୍ତୁତ କରି ସକାଳ ଧୂପ ସମ୍ପନ୍ନ କରିଥିଲେ। ପରେ ଦ୍ୱିପହର ଧୂପ, ସନ୍ଧ୍ୟାରେ ଆଳତି ଓ ରାତ୍ର ଧୂପ ଲାଗିହେବା ପରେ ବଡ଼ସିଂହାର ନୀତି ହୋଇ ରାତ୍ର ଏଗାର ଟାରେ ପହୁଡ଼ ପଡ଼ିଥିବା ଶ୍ରୀଜୀଉଙ୍କ ମନ୍ଦିର ଦେବୋତ୍ତର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ଠାରୁ ସୂଚନା ମିଳିଛି।



# ସରକାରୀ ଯୋଜନା ଦିଗହରା : ଠିକ୍ ସମୟରେ ମିଳୁନି ଅଣ୍ଡା ପାଇଁ ଅର୍ଥ : ଚିନ୍ତାରେ ଅଙ୍ଗନୱାଡି କର୍ମୀ

ମାହାଙ୍ଗା,୧୪।୭ :(ମନ୍ଥନ) ରାଜ୍ୟସରକାରଙ୍କ ଯୋଜନା କିଭଳି ଲକ୍ଷ୍ୟ ଠାରୁ ଦୂରେଇ ଯାଉଛି ତାହାର ଉଦାହରଣ ପାଲଟିଛି ମାହାଙ୍ଗା ବ୍ଲକ। ଜାନୁୟାରୀ ୨୦୨୬ମସିହାରୁ ଏପର୍ଯ୍ୟନ୍ତ ୭ମାସଧରି କିଶୋରୀ ବାଳିକାଙ୍କ ପାଇଁ ବଣ୍ଟା ଯାଉଥିବା ଅଣ୍ଡାର ଅର୍ଥ ସରକାର ପ୍ରଦାନ କରୁ ନଥିବା ବେଳେ ସାଧାରଣ ଲୋକଙ୍କ ଆକ୍ରୋଶର ଶିକାର ହେଉଛନ୍ତି ଅଙ୍ଗନୱାଡି କର୍ମୀ। ପ୍ରତି ମାସରେ କିଶୋରୀ ବାଳିକାଙ୍କ ପାଇଁ ଶୋଲା ଓ ମୁଡି ପ୍ୟାକେଟ୍ ଯୋଗାଇ ଦିଆଯାଉଛି। ହେଲେ ଅଣ୍ଡା ବଣ୍ଟନ ପାଇଁ ଅର୍ଥ ନାହିଁ। ଅପରପକ୍ଷରେ ବଜାରରେ ଅଣ୍ଡାର ଗୋଟିପ୍ରତି ମୂଲ୍ୟ ୮ଟଙ୍କାରୁ ୯ଟଙ୍କା ହୋଇଥିଲା ବେଳେ ରାଜ୍ୟସରକାର ଅଙ୍ଗନୱାଡି କର୍ମୀମାନଙ୍କୁ ଅଣ୍ଡାର ଗୋଟି ପ୍ରତି ମୂଲ୍ୟ ୭ଟଙ୍କା ଦେଉଥିଲେ। ଗତ ମାସରେ ଅଣ୍ଡାର ମୂଲ୍ୟ ୫ଟଙ୍କା ସରକାର ଅଙ୍ଗନୱାଡି କେନ୍ଦ୍ରକୁ ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ପଠାଇଥିଲା ବେଳେ ଅବଶିଷ୍ଟ ଦୁଇଟଙ୍କା ପରେ ମିଳିବ ବୋଲି ଶୁଣାଯାଉଥିବା ଏବେ ଜଣାପଡିଛି। ଅଙ୍ଗନୱାଡି କର୍ମୀମାନେ ବର୍ଷ ବର୍ଷଧରି ମମତା ଯୋଜନାର ଅର୍ଥ ପାଉ ନଥିବା ଅଭିଯୋଗ ହେଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀମାନଙ୍କର ବହୁବିଧି ସମସ୍ୟା ସମାଧାନ କରିବାରେ ବ୍ୟର୍ଥ ହେଉଥିଲା ବେଳେ ମାସିକ ପାରିଶ୍ରମିକ ବୃଦ୍ଧି କରିବା ପାଇଁ କେବେ ପଦକ୍ଷେପ ଗ୍ରହଣ କରିବେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡବଲ ଇଂଜିନ୍ ସରକାର କେବେ ଶୁଣିବେ ଅଙ୍ଗନୱାଡି କର୍ମୀଙ୍କ ଗୁହାରୀ ତାହା ସ୍ପଷ୍ଟଭାବେ ଜଣାପଡୁନାହିଁ।

# ପୂଜ୍ୟପୂଜା ସଂସଦ ମାହାଙ୍ଗା ତରଫରୁ ବରିଷ୍ଠ କଂଗ୍ରେସନେତା ଦେବେନ୍ଦ୍ର କୁମାର ସାହୁଙ୍କ ସ୍ୱନକ୍ଷତ୍ର ଦିବସ ପାଳିତ

ମାହାଙ୍ଗା,୧୪।୭ :(ମନ୍ଥନ)ମାହାଙ୍ଗା ନିର୍ବାଚନୀ ମଣ୍ଡଳୀ ଅର୍ନ୍ତଗତ ଖନ୍ଦୋଳ ସ୍ଥିତ ଜୟଜଗନ୍ନାଥ ମଣ୍ଡପ ଠାରେ ଉତ୍କଳ ପୂଜ୍ୟପୂଜା ସଂସଦ ମାହାଙ୍ଗା ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ସାମ୍ପ୍ରତିକ ରାଜନୀତିରେ ନିରୂତା ସମାଜସେବାର ସଙ୍କଟ ଏବଂ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁଙ୍କ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆଇନଜୀବି ପ୍ରବୀଣ କୁମାର କାନୁନ୍‌ଗୋଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ସାରସ୍ୱତ ଡ.ଭାଗବତ ଶୁକ୍ଳ ଯୋଗଦେଇ ସମାଜସେବୀ କ୍ଷେତ୍ରରେ ଦେବେନ୍ଦ୍ର କୁମାର ସାହୁଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଆଇନଜୀବି ପ୍ରଦିପ୍ତ କିଶୋର ଭୂୟାଁ ଯୋଗଦେଇ ଶ୍ରୀଯୁକ୍ତ ସାହୁ ଜଣେ ନିର୍ଭୀକ, ସ୍ୱଷ୍ଟବାଦୀ ଓ ନିରୁତା ସମାଜସେବୀ ଭାବେ ମାହାଙ୍ଗାବାସୀଙ୍କ ହୃଦୟ ଜିତିପାରିଛନ୍ତି ବୋଲି ମତ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜ୍ୟ ସାମ୍ବାଦିକ ସଂଘର ସଭାପତି ଅଲେଖ ଚନ୍ଦ୍ର ନାୟକ,ପୂର୍ବତନ ସରପଂଚ ବିଳାସ ଚନ୍ଦ୍ର ବାରିକ ,ସାଲେପୁର ଯୁବ କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, ତ୍ରିଲୋଚନ ସାମଲ, ବାନାମ୍ବର ମହାନ୍ତି,ରାହାସବିହାରୀ ଆଶ୍ରମର ସଭାପତି ଚିନ୍ମୟ କୁମାର ମିଶ୍ର ଯୋଗଦେଇ ଶ୍ରୀ ସାହୁଙ୍କ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଅତିଥିମାନେ




ଶ୍ରୀଯୁକ୍ତ ସାହୁଙ୍କୁଉପଢ଼ୌକନ ଓ ମାନପତ୍ର ପ୍ରଦାନ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟକାର ଭାବଗ୍ରାହୀ ସାହୁ ମାନପତ୍ର ପଠନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଯୋଗଦେଇ ମାହାଙ୍ଗା ଅଂଚଳବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଥିବା ସୂଚନା ଦେବା ସହ ମାହାଙ୍ଗା ଅଂଚଳର ପାଇଁ ନିଜର କାର୍ଯ୍ୟକ୍ରମ ଜାରି ରଖିବେ ବୋଲି କହିଥିଲେ। ଉକ୍ତ ଆଲୋଚନା ଚକ୍ରରେ ନଳିନୀକାନ୍ତ ପଣ୍ଡା, ଯୁବନେତା ଅଭିଳାଷ ମହାନ୍ତି, ଆଇନଜୀବି ଚିତ୍ତରଂଜନ ରାଉତ, ଭାସ୍କର ଚନ୍ଦ୍ର ବେହେରା,ସମିତିସଭ୍ୟ ଲତିଫୁର ରହେମନ୍, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଜିତେନ୍ଦ୍ର କୁମାର ବେହେରା, ଯୁବସଂଗଠକ ଉତ୍ତମ କୁମାର ବେହେରା, ସରୋଜ କୁମାର ପରିଡା, ଶଶିଭୂଷଣ ମହାନ୍ତି, ଅତାରୁଲ୍ ଇସଲାମ୍,ସେକ୍ ବାଦଲ, ଏସ୍‌ଆର୍ ରହେମନ୍, ପୂର୍ବତନ ଯୁବସଭାପତି ପ୍ରଶାନ୍ତ କୁମାର ଖଟୁଆ, ସତ୍ୟଜିତ୍ ସାହୁ, ତ୍ରିଲୋଚନ ସେଠୀ, ଗୀତାଞ୍ଜଳୀ ଜେନା, ଅଭିମନ୍ୟୁ ବରାଳ, କୁଞ୍ଜବିହାରୀ ମହାପାତ୍ର, କବିପ୍ରଫୁଲ୍ଲ କୁମାର ସିଂ, ଜଗବନ୍ଧୁ ଦାଶ, ଜୟ ପ୍ରକାଶ ବେହେରା, ନିରଂଜନ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ମାହାଙ୍ଗା ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଉତ୍ତୋରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା। ପ୍ରାରମ୍ଭରେ ଉମାପ୍ରସନ୍ନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସଂସଦର କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପିସି ଆଣ୍ଡ ପିଏନଡିଟି ଆଇନ ସମ୍ପର୍କିତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ

ଅନୁଗୋଳ, ୧୪।୭ :(ମନ୍ଥନ) ଜିଲ୍ଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକରେ ପି.ସି ଆଣ୍ଡ ପି.ଏନ.ଡି.ଟି ଆଇନର୍ ସଠିକ୍ କାର୍ଯ୍ୟକାରିତାକୁ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଅବ୍?ଦାଲ୍ ମୁହମ୍ମଦ୍ ଅଖ୍?ତରଙ୍କ ଅଧକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଗୁଡ଼ିକର ସମୀକ୍ଷା କରି ଯେଉଁମାନେ ନିୟମାନୁଯାୟୀ କାର୍ଯ୍ୟ କରୁନଥିବେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଲିଙ୍ଗଗତ ହାରରେ ଅସମାନତା ଦୂର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସେ ପରାମର୍ଶ



ଦେଇଥିଲେ । ଏତଦ୍‌ବ୍ୟତୀତ ପି.ସି ଆଣ୍ଡ ପି.ଏନ.ଡି.ଟି ଆଇନ ଅନ୍ତର୍ଗତ ବିଭିନ୍ନ ଚିକିତ୍ସାଳୟଗୁଡ଼ିକର ପଞ୍ଜିକରଣ, ନବୀକରଣ ଓ ସ୍ୱୀକୃତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ମଦନ ମୋହନ ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଯୋଗେଶ୍ୱରୀ ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଦିଲ୍ଲୀପ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଡାକ୍ତର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନେହେରୁ ଅତୁଳନୀୟ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପ୍ରଥମ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ କାଶ୍ମୀରୀ ପଣ୍ଡିତ ଜବାହରଲାଲ ନେହେରୁ ଓ ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲେ ନେହେରୁ । ସ୍ୱାଧୀନତା ପ୍ରାପ୍ତି ପରେ ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ହଠାତ ଜଣେ ଉତ୍ତେଜିତ ମହିଳା ନେହେରୁଙ୍କ କଲାର ଧରି ଚିତ୍କାର କରି ପଚାରିଥିଲେ, ଭାରତ ସ୍ୱାଧୀନ ହେଲା, ଆମକୁ କଣ ମିଳିଲା ?ଓ ନେହେରୁ ଅଳ୍ପ ହସି ଉତ୍ତର ଦେଇଥିଲେ ଆପଣଙ୍କୁ ସ୍ୱାଧୀନତା ମିଳିଲା ଯାହା ଫଳରେ ଆପଣ ଦେଶର ପ୍ରଧାନମନ୍ତ୍ରୀଙ୍କ କଲାର ଧରିପାରିଲେ ଓ ନେହେରୁଙ୍କ ସରଳ ଉତ୍ତରରେ ଥିଲା ଗଭୀରତା । ସହନଶୀଳତା ଓ ଭାରତରେ ସଂସଦୀୟ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା ଥିଲା ନେହେରୁଙ୍କ ସୁଦୂରପ୍ରସାରୀ ଚିନ୍ତାଧାରାର ମୂଳଦୁଆ। ସ୍ୱାଧୀନତା ସଂଗ୍ରାମରେ ଦୀର୍ଘ ୯ ବର୍ଷ ଜେଲରେ କଟାଇଥିବା ନେହେରୁ ତାଙ୍କର ୧୯୬ କୋଟି ଟଙ୍କାର ସମ୍ପତ୍ତି ଭାରତକୁ ଦାନ କରିଥିଲେ । ଭାରତର ପ୍ରଥମ ବଜେଟର ମୋଟ ପରିମାଣ ଥିଲା ୧୯୭ କୋଟି ଟଙ୍କା । ସେତେବେଳେ ବିଦେଶୀ ଶକ୍ତିଗୁଡିକ ଭାରତରେ ଗଣତନ୍ତ୍ର ବେଶି ଦିନ ତିଷ୍ଠିବ ନାହିଁ ବୋଲି ସମାଲୋଚନା କରିବା ସହ କେହି କୌଣସି ପ୍ରକାର ଆର୍ଥିକ ସହଯୋଗ କରିବା ପାଇଁ ଆଗ୍ରହ ପ୍ରକାଶ କରିନଥିଲେ । ନେହେରୁଙ୍କ ପ୍ରଚେଷ୍ଟାରେ ଭାରତ ଧୀରେ ଧୀରେ ପ୍ରଗତିର ପାହାଚ ଚଢ଼ିଥିଲା ଓ ୧୯୫୦ ରେ ସମ୍ବିଧାନର ଲୋକାର୍ପଣ ପରେ ୧୯୫୨ ରେ ଅନୁଷ୍ଠିତ ପ୍ରଥମ ଲୋକସଭା ନିର୍ବାଚନରେ ନେହେରୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ଓ ଦେଶକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବା ଛୋଟ, ବଡ ଏପରି ୧୨୦୦ ବନ୍ଧ ନିର୍ମାଣ କରିଥିଲେ ନେହେରୁ ଓ ନେହେରୁଙ୍କ ଉଦ୍ୟମରେ ଜାମ୍ମୁ -କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ରହିଲା ଓ ୧୩୦ ଟି ଦେଶକୁ ନେଇ ଗଠିତ ଗୋଷ୍ଠୀ ନିରପେକ୍ଷ ଆନ୍‌ଦୋଳନରେ ପ୍ରମୁଖ ଭୂମିକା ନିଭାଇବାରେ ସଫଳ ହୋଇଥିଲା ଭାରତ ଓ ଭାରତ ବିଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରିବା ସହ ବିଦେଶକୁ ଶାନ୍ତି, ଅହିଂସା, ମୈତ୍ରୀ ଓ ସଂହତିର ବାର୍ତ୍ତା ପ୍ରେରଣ କରିଥିଲା ଓ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସଫଳ ହୋଇଥିଲା ଓ ବିଜ୍ଞାନ, କଳା, ସଂସ୍କୃତି, ରାଷ୍ଟ୍ରାୟତ୍ତ ଉଦ୍‌ଯୋଗ ପ୍ରତିଷ୍ଠାରେ ନେହେରୁଙ୍କ ଅବଦାନ ଅବିସ୍ମରଣୀୟ ଓ ନେହେରୁ ତାଙ୍କର ୧୭ ବର୍ଷର କାର୍ଯ୍ୟକାଳ ମଧ୍ୟରେ ଭାରତକୁ ପ୍ରଗତିର ଏକ ଉନ୍ନତ ସୋପାନରେ ପହଞ୍ଚାଇବାରେ ସଫଳ ହୋଇଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ନେହେରୁ ଓ ଶିଶୁମାନଙ୍କର ଅତି ପ୍ରିୟ ଥିଲେ ଚାଚା ନେହେରୁ ଓ ସମଗ୍ର ବିଶ୍ୱରେ ମହାତ୍ମା ଗାନ୍ଧୀ ଓ ନେହେରୁଙ୍କ ଦର୍ଶନ ଓ ଚିନ୍ତାଧାରାର ପ୍ରସଙ୍ଗିକତା ଆଜି ବି ରହିଛି ଓ ରହିବ ଓ ଭାରତକୁ ଟିକିନିଖି ଭାବରେ ପଢିଥିବା ଓ ବୁଝିଥିବା ନେହେରୁଙ୍କ ବିରଳ ପୁସ୍ତକ, ଡିସ୍କଭରୀ ଅଫ ଇଣ୍ଡିଆ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନେହେରୁଙ୍କ ବିଚାରଧାରାକୁ ପରିପୁଷ୍ଟ କରିଥାଏ । ନେହେରୁଙ୍କ ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଲାଲ ବହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ନରସିଂହ ରାଓ, ରାଜୀବ ଗାନ୍ଧୀ, ମନମୋହନ ସିଂହଙ୍କ ଯଥେଷ୍ଟ ଅବଦାନ ରହିଛି। ମାତ୍ର ୫୫ ବର୍ଷ ବାଦ ଦେଲେ ଦେଶକୁ ୧୯୫୨ ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସ ହିଁ ଶାସନ କରିଛି ଓ ଲୋକତନ୍ତ୍ରକୁ ମଜବୁତ କରିଛି। ଆମେରିକା ଆଗରେ ମୁଣ୍ଡ ନୁଆଇଁ ନାହିଁ ଓ ପାକିସ୍ତାନକୁ ଉଚିତ ଶିକ୍ଷା ଦେଇଛି ଓ ଏବେ ନରେନ୍ଦ୍ର ମୋଦି ରେକର୍ଡ ତୃତୀୟ ଥର ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ନେହେରୁଙ୍କ କାର୍ଯ୍ୟକାଳ ଅବଧି ଅତିକ୍ରମ କରିଛନ୍ତି। ଏହାକୁ ଏକ ଐତିହାସିକ ସଫଳତା ଭାବରେ ବିଜେପି ପ୍ରଚାର କରୁଥିଲେ ସୁଦ୍ଧା ଏହି ସମୟ ସୀମା ମଧ୍ୟରେ ଭାରତ କଣ ପାଇଛି, କଣ ଗଢ଼ିଛି ଓ କଣ ହରାଇଛି, ତାହାର ତର୍ଜମା କାରିବାର ସମୟ ଆସିଛି ଓ କୌଣସି ସାମ୍ବିଧାନିକ ସଂସ୍ଥାର ସ୍ୱାୟତ୍ତତା ନାହିଁ । ବିଦେଶୀ ଋଣଭାରରେ ଭାରତ ଉବୁଟୁବୁ ହେଲାଣି । ପଡୋଶୀ ଦେଶମାନଙ୍କ ସହିତ କୂଟନୈତିକ ସମ୍ପର୍କରେ ଘୋର ଅବନତି ପରିଲକ୍ଷିତ ହୋଇଛି । ଆମେରିକାର ଦାଦାଗିରି ଆଗରେ ଭାରତ ମୁଣ୍ଡ ନୁଆଇଁଛି ଓ ଇସ୍ରାଏଲ ସହିତ ବନ୍ଧୁତା ବାନ୍ଧି ଇରାନ ଠାରୁ ଦୁରେଇ ଯାଇଛି ଓ ଆନ୍ତର୍ଜାତିକ କୂଟନୀତିରେ ପାକିସ୍ତାନ ଭାରତକୁ ପଛରେ ପକାଇ ଦେଇଛି ପାକିସ୍ତାନ ଓ ପ୍ରଧାନମନ୍ତ୍ରୀ କେବଳ ଘନଘନ ବିଦେଶ ଗସ୍ତ କରି ନିଜ ପାଇଁ ସମ୍ମାନ ସାଉଁଟିବାରେ ବ୍ୟସ୍ତ ରହିଛନ୍ତି । ଗଣମାଧ୍ୟମର ସ୍ୱାଧୀନତା ନାହିଁ । ନିର୍ବାଚନ ଆୟୋଗ ସରକାରୀ ଇସାରାରେ କାମ କରୁଛି । ଅନୁସନ୍ଧାନକାରୀ ଏଜେନସି ପକ୍ଷପାତ ନୀତି ଅବଲମ୍ବନ କରୁଛନ୍ତି । ଦେଶର ସମ୍ପତ୍ତି ପୁଞ୍ଜିପତିଙ୍କ ହାତକୁ ଚାଲିଯାଇଛି । ଗୋମାଂସ ରପ୍ତାନୀରେ ଭାରତ ବିଶ୍ୱରେ ଏକ ନମ୍ବର ସ୍ଥାନରେ ରହିଛି ବୋଲି ଅଷ୍ଟ୍ରେଲିଆରେ ଗର୍ବର ସହ ପ୍ରକାଶ କରିଛନ୍ତି ମୋଦି । ଧର୍ମ, ସଂସ୍କୃତି ଓ ରାଷ୍ଟ୍ରବାଦକୁ ନେଇ ଭେଳିକି ସୀମା ଅତିକ୍ରମଣ କଲାଣି । ଦେଶର ଅର୍ଥନୀତି, ରପ୍ତାନୀ ଗୁରୁତର ସଙ୍କଟ ମଧ୍ୟରେ ଗତି କରୁଥିବା ବେଳେ ଡଲାର ତୁଳନାରେ ଟଙ୍କାର ଅବମୂଲ୍ୟାୟନ ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଆମଦାନୀ ବଢ଼ି ଚାଲିଥିବା ବେଳେ ଚୀନ ଓ ଜାପାନକୁ ବହୁ ପରିମାଣରେ ରାପ୍ତାନୀ ହେଉଥିବା ଭାରତୀୟ ବାସମତି ଚାଉଳ ଉଭୟ ଦେଶ ନିମ୍ନ ମାନର ଦର୍ଶାଇ ଆମଦାନୀ ବନ୍ଦ କରି ଦେଇଛନ୍ତି । ବିଶ୍ୱ ବ୍ୟାଙ୍କରେ ଭାରତର ଋଣ ପରିମାଣ ୨୫୦ ଲକ୍ଷ କୋଟିରେ ପହଞ୍ଚିଲାଣି ଓ ୨୦୧୪ ରେ ଏହା ଥିଲା ମାତ୍ର ୫୫ ଲକ୍ଷ କୋଟି ଓ ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି ଓ ନିଟ ପ୍ରଶ୍ନପତ୍ର ବାରମ୍ବାର ଲିକ ହେଉଥିଲେ ମଧ୍ୟ ଶିକ୍ଷା ମନ୍ତ୍ରୀ ପିଏମଓ ଛାୟା ତଳେ ଶାନ୍ତିରେ ରହିଛନ୍ତି, କୌଣସି ଉତ୍ତରଦାୟିତ୍ୱ ନାହିଁ ଓ ଏହିସବୁ ପରିପ୍ରେକ୍ଷୀରେ ନେହେରୁଙ୍କ ରେକର୍ଡ ଭାଙ୍ଗିଦେଲେ ମୋଦି ବୋଲି ପ୍ରଚାର କରିବା ହାସ୍ୟାସ୍ପଦ ଘଟଣା ଓ ନେହେରୁ ସର୍ବଦା ଅତୁଳନୀୟ ରହିବେ ଓ ଏହା ଚିରନ୍ତନ ସତ୍ୟ ।

# ଜୀବନ ରଥ : ଶ୍ରୀଜଗନ୍ନାଥ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି। ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି। ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ। ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ। ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ। ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ। ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ।



ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ। ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ। ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ। ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ। ପରବ୍ରହ୍ମ ସନାତନ ଆଦି-ଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି। ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଟ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ। ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ। ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ। ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି। ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ। ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ। ବିପଦରୁ ଉଦ୍ଧାର ହୁଏ। ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ। ଅହେତୁକୀ କୃପା ବୋଲି କିଛି ନାହିଁ। କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି। ଏହା ତୁମେ ବୁଝି ପାର ବା ନପାର। ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି। ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ। ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି। ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ। ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ। ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ। ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି। ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା। ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ। ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ-ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ। ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା। କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ। ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ। ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

ପ୍ରତିରକ୍ଷା ଓ ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ପତିତପାବନ ଯାତ୍ରା

## ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ

**ପ୍ରଫେସର ଡାକ୍ତର ସମ୍ରାଟ କର**

ସମାଜରେ ପତିତ ବର୍ଗର ସଂଜ୍ଞା ଏ ଯାଏ ନିରୂପିତ ହୋଇପାରି ନାହିଁ। ସେପରି ଭାବ ବିନୋଦରେ କହିଲେ ପୂର୍ଣ୍ଣବ୍ରହ୍ମ ଜଗନ୍ନାଥଙ୍କୁ ଛାଡ଼ିଦେଲେ ଆମେ ସମସ୍ତେ ପତିତ। ତେବେ ସାମାଜିକ ପରମ୍ପରା ଓ ବିଧି ବ୍ୟବସ୍ଥାରେ ପତିତଜନ ଅର୍ଥାତ୍ ଶ୍ରୀମନ୍ଦିରକୁ ବର୍ଷ ତମାମ ପ୍ରବେଶ ନ କରିପାରୁଥିବା ବର୍ଗମାନଙ୍କୁ ପାଖରେ ଦର୍ଶନ ଦେଇ ଆନନ୍ଦ ଭରି ଦେବା ପାଇଁ ମହାପ୍ରଭୁଙ୍କର ଯେଉଁ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ବା ରଥଯାତ୍ରା ହୋଇଥାଏ ତାହାର ନାମ ହେଉଛି ପତିତପାବନ ଯାତ୍ରା।

ଏବଂ ଏ ବିଶ୍ୱରେ ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଏପରି ବିରଳ ଠାକୁର ଯିଏ କି ପତିତ ବର୍ଗଙ୍କୁ ଦର୍ଶନ ଦେବା ନିମିତ୍ତ ବର୍ଷକୁ ଥରେ ନିଜ ଶ୍ରୀମନ୍ଦିରର ରତ୍ନବେଦୀ ଛାଡ଼ି ବାହାରକୁ ଆସିଥାନ୍ତି ଏହା ହିଁ ତାଙ୍କ ଅନନ୍ୟ ଲୀଳା କୃପା କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତବର୍ଷରେ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ପ୍ରାଚୀନ କାଳରୁ ଯେତେ ଦେବଦେବୀ ଉପାସିତ ହୋଇ ଆସୁଛନ୍ତି ସେମାନଙ୍କ ମଧ୍ୟରୁ କେହି ହେଲେ ଦାରୁ ବା କାଷ୍ଠରେ ନିର୍ମିତ ନୁହନ୍ତି । ଦାରୁ ଦେବତା କହିଲେ ଶ୍ରୀ ଜଗନ୍ନାଥଙ୍କ ବିନା ଆଉ କେହି ନୁହନ୍ତି । ଏକା ଶ୍ରୀଜଗନ୍ନାଥ ହିଁ ଦାରୁ ଦେବତାରୂପେ କେଉଁ ସ୍ମରଣାତୀତ କାଳରୁ ପୂଜାପାଇ ଆସୁଛନ୍ତି । ବିଶେଷତଃ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ବ୍ୟତୀତ ଅନ୍ୟକୌଣସି ଦେବମନ୍ଦିରରେ ଆବ୍ରାହ୍ମଣ ଚଣ୍ଡାଳ ଏକା ପାତ୍ରରେ ଶଙ୍ଖୁଡ଼ି ଭୋଜନ କରିବା କୁତ୍ରାପି ଶୁଣିବାକୁ ମିଳେନାହିଁ । ଜଗନ୍ନାଥଙ୍କ ଭୋଗ ସାମଗ୍ରୀ ବିନା ଅନ୍ୟ କୌଣସି ଦେବତାଙ୍କ ଭୋଗ ସାମଗ୍ରୀକୁ ମହାପ୍ରସାଦ ବା କୈବଲ୍ୟ ଆଖ୍ୟାଦିଆଯାଇ ନାହିଁ । ଏହାର ସ୍ପର୍ଶରେ ଜାତିଗତ ବାରଣ ନାହିଁ । ଖାଦ୍ୟରେ ଉଚ୍ଛିଷ୍ଟ ନାହିଁ । ଆଚାଣ୍ଡାଳ ବ୍ରାହ୍ମଣ, ଧନୀ ଦରିଦ୍ର, ରାଜାପ୍ରଜା ଏଠାରେ ସମସ୍ତେ ସମାନ, ସମସ୍ତେ କୈବଲ୍ୟର ଅଧିକାରୀ । ଏହା ହେଉଛି ଓଡ଼ିଶା ଜଗନ୍ନାଥଙ୍କ ମୌଳିକ ବିଶେଷତ୍ୱ । ତା'ଛଡ଼ା ଜଗନ୍ନାଥଙ୍କର ଆଉ ଏକ ବୈଶିଷ୍ଟ୍ୟ ଏହିଯେ ଅନ୍ୟତ୍ର ପୂଜିତ ଦେବତାଙ୍କ ନାମ ସହିତ ସେହି ସେହି ଦେଶର ଧର୍ମ ବା ସଂସ୍କୃତି ଜଡ଼ିତ ଥିବାର ଦେଖାଯାଏ ନାହିଁ । ମଧ୍ୟ ଭାରତର ବିଶ୍ୱନାଥଙ୍କ ସହିତ କିମ୍ବା ଦକ୍ଷିଣ ଭାରତର ରାମନାଥଙ୍କ ସହିତ ସେ ପ୍ରଦେଶର ସଂସ୍କୃତିର କୌଣସି ସମ୍ପର୍କ ପରିଲକ୍ଷିତ ହୁଏନାହିଁ । ସେହି ପରି ପଶ୍ଚିମ ଭାରତରେ ସୁପ୍ରସିଦ୍ଧ ଦେବତା ସୋମନାଥଙ୍କ ନାମରେ ମଧ୍ୟ ସେ ଅଞ୍ଚଳର ଧର୍ମ ବା ସଂସ୍କୃତି ନାମିତ ହେବାର ଶୁଣାଯାଏ ନାହିଁ ।

ଜଗନ୍ନାଥ ସଂସ୍କୃତି, ଇତିହାସ କହିଲେ ଜଗନ୍ନାଥଙ୍କ ଇତିହାସ । ଶ୍ରୀ ଜଗନ୍ନାଥ ହିଁ କେବଳ ସୁପ୍ରସିଦ୍ଧ ଓଡ଼ିଶା ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ସେ ଓଡ଼ିଶା ବାସୀଙ୍କ ଦୃଷ୍ଟିରେ ମଦନ ସୁନ୍ଦର ନୁହଁନ୍ତି; କାଳିଆ । ପଦ୍ମଲୋଚନ ନୁହନ୍ତି; ଚକାଡୋଳା । ଚତୁର୍ଭୁଜ ନୁହନ୍ତି; ବଳିଆର ଭୁଜ । ଏ ଦେଶରେ ଶୈବ, ସୌର, ଶାକ୍ତ, ଜୈନ, ବୌଦ୍ଧ, ଗାଣପତ୍ୟ ଓ ବୈଷ୍ଣବ ପ୍ରଭୃତି କେତେକେତେ ଧର୍ମବାଦର ବନ୍ୟା ପ୍ଳାବିତ ହୋଇ କେତେକେତେ ଧର୍ମଗୁରୁ ଓ ମତପ୍ରଚାରକ ଆସି ସ୍ୱସ୍ୱ ମତବାଦ ପ୍ରଚାର



କରି ଯାଇଛନ୍ତି, ତଥାପି କେହି ଜଗନ୍ନାଥଙ୍କୁ ନିଜର କରିପାରିନାହାନ୍ତି । ଦାରୁକୁ ପଥର କରି ପାରିନାହାନ୍ତି କିମ୍ବା ରୂପରେ କୌଣସି ପରିବର୍ତ୍ତନ ଘଟାଇ ପାରିନାହାନ୍ତି କିନ୍ତୁ ଯାହାକିଛି ନୂତନ, ଯାହା କିଛି ଗ୍ରାହ୍ୟବୋଲି ତତ୍କାଳୀନ ଜନତାର ମନରେ ସ୍ୱତଃସିଦ୍ଧ ହୋଇଛି, ସେ ସବୁକୁ ଜଗନ୍ନାଥଙ୍କ ପୂଜାବିଧିରେ ଖଞ୍ଜିଦିଆଯାଇଛି । ଏଣୁ ପ୍ରାଚୀନ ତମ ଧର୍ମୀୟ ପରମ୍ପରାରୁ ଆରମ୍ଭକରି ଶ୍ରୀଚୈତନ୍ୟଙ୍କ ପ୍ରେମଧର୍ମ ପର୍ଯ୍ୟନ୍ତ ସବୁଧର୍ମର ପୂଜାବିଧି ଜଗନ୍ନାଥଙ୍କ ପୂଜାରେ ପ୍ରଚଳିତ ।

ଦୁଇ ବାହୁ ପ୍ରସାରଣ ପୂର୍ବକ ଜଗନ୍ନାଥ ସମସ୍ତ ଧର୍ମ ଓ ସମସ୍ତ ଦର୍ଶନକୁ ଆଲିଙ୍ଗନ କରି ନିଜର କରିନେଇଛନ୍ତି ଅଥଚ ନିଜେ ଅଚଳ ଓ ଅଟଳ ଭାବେ ଶ୍ରୀନୀଳ କନ୍ଦରରେ ପତିତପାବନ ବାନା ଉଡାଇ ରତ୍ନସିଂହାସନରେ ବିଜେ କରିଛନ୍ତି । ତେଣୁ ପୁରାଣ ଇତିହାସ କିମ୍ବଦନ୍ତୀରେ ବର୍ଣ୍ଣିତ ଶ୍ରୀଜଗନ୍ନାଥ ଯେ ଦାରୁଦେବତା, ଏଥିରେ କୌଣସି ମତାନ୍ତର ନାହିଁ । କାରଣ ଭଗବାନ ବିଷ୍ଣୁଙ୍କର ନୀଳମାଧବ ବିଗ୍ରହରୁ ଜଗନ୍ନାଥ ରୂପରେ ରୂପାନ୍ତରିତ ହେବା ପରି କଳ୍ପନାର ପଶ୍ଚାତ୍‌ଭାଗରେ ଏହି ସତ୍ୟ ଅନ୍ତର୍ନିହିତ । ଶବର ବିଶ୍ୱାବସୁଙ୍କ ପୂଜିତ ଇନ୍ଦ୍ରନୀଳମଣି କାନ୍ତିକୁ ଧାରଣ କରିଥିବା ନୀଳମାଧବଙ୍କ ବର୍ଣ୍ଣନା ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ ସପ୍ତମ ଅଧ୍ୟାୟରେ ବର୍ଣ୍ଣିତ ଅଛି- ତତ୍ ପୂର୍ଣ୍ଣଂ କାରଣାମ୍ଭୋଭିଃ ସ୍ପର୍ଶନାଦେବ ମୁକ୍ତିଦମ୍ । ତସ୍ୟାପ୍ରାକ୍ ତଟମାସ୍ଥାୟ ନୀଳେନ୍ଦ୍ର ମଣି ନିର୍ମିତା । ଇନ୍ଦନୀଳମୟୋଦେବ ଆସ୍ତେଚକ୍ର ଗଦାଧରଃ । ଏକଶୀତ୍ୟାଙ୍ଗୁଳମିତଃ ସ୍ୱର୍ଣ୍ଣପଦ୍ମ ପରିସ୍ଥିତଃ । ତେଣୁ ଉତ୍କଳୀୟ ସଂସ୍କୃତିରେ ଶ୍ରୀ ଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ବ୍ରହ୍ମଦାରୁ ସଂସ୍କୃତିର ଉଜ୍ଜ୍ୱଳମୟ ପରମ୍ପରାକୁ ଯୁଗଯୁଗ ଧରି ବହନ କରିଆସିଛି । ଆଦିମ ଶବରମାନଙ୍କ ଉପାସିତ ଦାରୁ ପୂଜାର କ୍ରମ ବିକାଶ ଓ ପରିଣତି ଏ କ୍ଷେତ୍ରର ସର୍ବାଧିକ ସହାୟକ ହୋଇଛି । ଏହା ସୁସ୍ପଷ୍ଟ ଯେ ଆଜିର ରତ୍ନସିଂହାସନାଧିରୁଢ଼ ଭକ୍ତବତ୍ସଳ ଶ୍ରୀଜଗନ୍ନାଥ ପୌରାଣିକ କିମ୍ବଦନ୍ତୀର ରହସ୍ୟମୟ ନୀଳମାଧବ ପରବର୍ତ୍ତୀ କାଳରେ ଦାରୁମୂର୍ତ୍ତି ସଂସ୍କୃତିର ସାକାର ପରିକଳ୍ପା ମଧ୍ୟରେ ପ୍ରତିଷ୍ଠାଲାଭ କରିଛନ୍ତି । ଏହି ପୁରୁଷୋତ୍ତମ କ୍ଷେତ୍ରାଧିଷ୍ଠିତ ଦାରୁରୂପୀ ପ୍ରଭୁ ଶ୍ରୀଜଗନ୍ନାଥ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ଏକ ବାସ୍ତବ ଭାବରେ ଶ୍ରୀକ୍ଷେତ୍ରାଧିଷ୍ଠିତ ହୋଇ ସକଳ ଗତି, ମୁକ୍ତିର ଆଧାର ରୂପେ ଅନୁଗୃହୀତ ହୋଇ ଆସିଛନ୍ତି । ସେ ସ୍ୱୟଂ ଆଦି ଅନ୍ତହୀନ ପରଂବ୍ରହ୍ମ ।

ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଏହାର ଜ୍ୱଳନ୍ତ ଉଦାହରଣ । ଭଗବତ୍ ଆରାଧନା ଯଦି ଆତ୍ମାକୁ ମାଟିର ମାୟାଠଶରୁ ଉର୍ଦ୍ଧ୍ୱଗାମୀ କରୁଥାଏ ତେବେ ସେଇ ପରମାତ୍ମାଙ୍କର ସ୍ୱରୂପ ଚିନ୍ତନ ଓ ଅର୍ଚ୍ଚନା ପାଇଁ ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କ ମୌଳିକ ଅଧିକାରକୁ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସ୍ୱିକୃତୀ ପ୍ରଦାନ କରିଆସିଛି । ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦ୍‌ଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟରୋଡ଼, କଟକ, ମୋବାଇଲ-୯୧୩୨୪୩୩୩୩୩



# ରୁଷ ସେନା ୨୦୨୨ରୁ ଶହଶହ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରିଛି: କିଭ୍‌ର ଅଭିଯୋଗ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ୨୦୨୨ ମସିହାରେ ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଷ୍ ସେନା ଶତାଧିକ ୟୁକ୍ରେନୀୟ ଯୁଦ୍ଧବନ୍ଦୀ (ପିଓଡବ୍ଲ୍ୟୁ)ଙ୍କୁ ହତ୍ୟା କରିଥିବା ୟୁକ୍ରେନ ଅଭିଯୋଗ କରିଛି । ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟ କହିଛି ଯେ, ଯୁଦ୍ଧ ସମୟରେ ଆତ୍ମସମର୍ପଣ କରିଥିବା କିମ୍ବା ରୁଷ୍ ସେନା ହାତରେ ବନ୍ଦୀ ହୋଇଥିବା ୟୁକ୍ରେନୀୟ ସୈନିକମାନଙ୍କୁ ବେଆଇନ ଭାବେ ହତ୍ୟା କରାଯାଇଥିବା ଘଟଣାର ତଦନ୍ତ ଚାଲିଛି । ୟୁକ୍ରେନ ଏହାକୁ ଯୁଦ୍ଧ ଅପରାଧ ବୋଲି ବର୍ଣ୍ଣନା କରିଛି । ଅନ୍ୟପକ୍ଷରେ ରୁଷ୍ ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛି ।ୟୁକ୍ରେନର ତଦନ୍ତକାରୀ ସଂସ୍ଥାର ସୂଚନା ଅନୁସାରେ, ଫେବ୍ରୁଆରି ୨୦୨୨ରୁ ଏପର୍ଯ୍ୟନ୍ତ ଅତି କମ୍‌ରେ ୨୭୩ ଜଣ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରାଯାଇଥିବାର ପ୍ରମାଣ ମିଳିଛି । ଏହି ଘଟଣାକୁ ନେଇ ୭୫ଟି ଆପରାଧିକ ମାମଲା ରୁଜୁ କରାଯାଇଛି । ତଦନ୍ତରେ ଭିଡିଓ, ଡ୍ରୋନ୍ ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି । ତଦନ୍ତକାରୀଙ୍କ କହିବା ଅନୁସାରେ, ଅଧିକାଂଶ ଘଟଣା ୨୦୨୪ ଓ ୨୦୨୫ରେ ଦେଖିବାକୁ ମିଳିଛି । ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟର ଯୁଦ୍ଧ ଅପରାଧ ବିଭାଗର ମୁଖ୍ୟ ୟୁରି ବେଲୋଉସୋଭ କହିଛନ୍ତି, ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରିବା ଏକ ଆନ୍ତର୍ଜାତିକ ଅପରାଧ । ଜେନେଭା ସମ୍ମିଳନୀ ଅନୁସାରେ ଯୁଦ୍ଧବନ୍ଦୀଙ୍କ ସହ ମାନବିକ ବ୍ୟବହାର କରିବା ବାଧ୍ୟତାମୂଳକ । ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ, ଏହି ସବୁ ଘଟଣାରେ ଜଡ଼ିତ ରୁଷ୍ ସେନା ସଦସ୍ୟ ଓ କମାଣ୍ଡରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରମାଣ ସଂଗ୍ରହ କରାଯାଉଛି ।ୟୁକ୍ରେନ ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ଆନ୍ତର୍ଜାତିକ ସମୁଦାୟଙ୍କ ସହଯୋଗ ଲୋଡ଼ିଛି । ଅନ୍ୟପକ୍ଷରେ, ରୁଷ୍ ପୂର୍ବରୁ ମଧ୍ୟ ଏଭଳି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଆସୁଛି । ମସ୍କର କହିବା କଥା, ରୁଷ୍ ସେନା ଆନ୍ତର୍ଜାତିକ ମାନବିକ ଆଇନକୁ ସମ୍ମାନ କରୁଛି ଏବଂ ଯୁଦ୍ଧବନ୍ଦୀଙ୍କ ସହ ନିୟମ ଅନୁଯାୟୀ ବ୍ୟବହାର କରୁଛି ।

# ଆମେରିକୀୟ ଘାଟି ଉପରେ ଆକ୍ରମଣ ପରେ ଇରାନ ଦେଲା ସ୍ପଷ୍ଟୀକରଣ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):**ଆମେରିକା ଏବଂ ଇରାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି । ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ, ଇରାନର ସବୁଠାରୁ ଶକ୍ତିଶାଳୀ ଏବଂ ଶୃଙ୍ଖଳିତ ସାମରିକ ୟୁନିଟ୍, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଜୋର୍ଡାନରେ ଥିବା ଏକ ପ୍ରମୁଖ ଆମେରିକୀୟ ସାମରିକ ଘାଟି ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିଛି । ଆକ୍ରମଣ ପରେ ଇରାନ ଜୋର୍ଡାନର ଲୋକମାନଙ୍କୁ ଏକ ବିଶେଷ ବାର୍ତ୍ତା ଦେଇଛି । ଇରାନର ସରକାରୀ ସୂଚନା ଅନୁଯାୟୀ, ଏହି ଆକ୍ରମଣ ଏହାର ସ୍ୱତନ୍ତ୍ର ସାମରିକ ଅଭିଯାନ 'ନସର-୨'ର ଦ୍ୱିତୀୟ ପର୍ଯ୍ୟାୟର ଏକ ଅଂଶ ଥିଲା । ମଙ୍ଗଳବାର ସକାଳେ ଇରାନ ସେନା ଜୋର୍ଡାନ ସୀମା ମଧ୍ୟରେ ଥିବା ଏକ ଆମେରିକୀୟ ବିମାନ ଘାଟି ଏବଂ ସୈନ୍ୟ ମୁତୟନ ସ୍ଥାନଗୁଡ଼ିକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଦ୍ୱାରା ଟାର୍ଗେଟ କରିଥିଲା ।ଆଇଆରଜିସି କହିଛି, ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସେମାନେ ଆମେରିକୀୟ ସୈନିକମାନଙ୍କୁ ଜବାବ ଦେଇଛନ୍ତି ଯେଉଁମାନେ ଇରାନ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି ।

ଜୋର୍ଡାନ ମାଟିରେ କରାଯାଇଥିବା ଏହି ଆକ୍ରମଣକୁ ଇରାନ ଏକ ପ୍ରତିଶୋଧ ଏବଂ ନିଜର ଅଧିକାର ବୋଲି କହିଛି । ଆଇଆରଜିସି ଦାବି କରିଛି, ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟିକୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ବ୍ୟବହାର କରାଯାଇଛି । ଇରାନ ଏକ ଅତ୍ୟନ୍ତ ଗମ୍ଭୀର ଅଭିଯୋଗ ଆଣି କହିଛି, ସଂଘର୍ଷର ପ୍ରାରମ୍ଭିକ ଦିନରେ, ଆମେରିକା ଏହି ଘାଟିରୁ ଉଡ଼ାଣ କରିଥିଲା ଏବଂ ଇରାନର ମିନାବ ସହରରେ ୧୮୬ ଜଣ ନିର୍ଦ୍ଦୋଷ ସ୍କୁଲ ପିଲା ଏବଂ ସେମାନଙ୍କର ଶିକ୍ଷକଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲା । ଇରାନ ଅନୁଯାୟୀ, ଆମେରିକା ଘାଟି ଉପରେ ଏହି ଆକ୍ରମଣ ସେହି ନିର୍ଦ୍ଦୋଷ ପିଲାମାନଙ୍କ ମୃତ୍ୟୁର ପ୍ରତିଶୋଧ ।ଆକ୍ରମଣ ପରେ ତୁରନ୍ତ,ଆଇଆରଜିସି ଜୋର୍ଡାନର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ବିବୃତି ଜାରି କରିଥିଲା । ଏଥିରେ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ ଇରାନର ଜୋର୍ଡାନ କିମ୍ବା ଏହାର ଲୋକଙ୍କ ସହିତ କୌଣସି ବ୍ୟକ୍ତିଗତ ବିବାଦ କିମ୍ବା ଶତ୍ରୁତା ନାହିଁ । ଆମେ ଜୋର୍ଡାନର ଲୋକଙ୍କୁ ସମ୍ମାନ କରୁ । ଆମର ଲଢ଼େଇ କେବଳ ସେହି ବିଦେଶୀ ଶକ୍ତି ବିରୋଧରେ ଯେଉଁମାନେ ଏହି ଅଞ୍ଚଳର ଶାନ୍ତିକୁ ବିପର୍ଯ୍ୟସ୍ତ କରୁଛନ୍ତି । ଇରାନ ଜୋର୍ଡାନର ଲୋକମାନଙ୍କୁ ନିବେଦନ କରିଛି ଯେ ସେମାନେ ନିଜ ଦେଶର ମାଟିରୁ ଆମେରିକାର ସାମରିକ ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା ପାଇଁ ନିଜ ସରକାରଙ୍କ ଉପରେ ଚାପ ପକାନ୍ତୁ । ଆଇଆରଜିସି କହିଛି, ଜୋର୍ଡାନ ଲୋକମାନେ ପାଲେଷ୍ଟାଇନୀମାନଙ୍କ ଦୁଃଖ ଏବଂ ଗାଜାରେ ହେଉଥିବା ଅତ୍ୟାଚାରକୁ ସମ୍ପୂର୍ଣ୍ଣ ଭାବରେ ବୁଝନ୍ତି, ଯେଉଁଠାରେ ହଜାର ହଜାର ନିର୍ଦ୍ଦୋଷ ଜୀବନ ଯାଉଛି । ଇରାନ ଯୁକ୍ତି ରଖିଛି, ଯଦି ଏହି ଅଞ୍ଚଳରୁ ଆମେରିକାର ସାମରିକ ଘାଟି ହଟାଯାଏ, ତେବେ ଏହା କେବଳ ପାଲେଷ୍ଟାଇନ ଲୋକଙ୍କୁ ସାହାଯ୍ୟ କରିବ ନାହିଁ ବରଂ ମଧ୍ୟପ୍ରାଚ୍ୟରେ ସୁରକ୍ଷା, ମର୍ଯ୍ୟାଦା ଏବଂ ପ୍ରଗତି ପାଇଁ ଏକ ନୂତନ ଯୁଗର ଆରମ୍ଭ କରିବ ।

# ବାଗେଶ୍ୱର ବାବାଙ୍କ ସାନ ଭାଇଙ୍କ ନାମରେ ଅଭିଯୋଗ, ଗରିବଙ୍କ ଜମି ଛଡାଇ ନେଉଛନ୍ତି, ବିରୋଧ କଲେ ଗୁଳି ମାରୁଛନ୍ତି

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ କୋଡ଼ା ଗାଁରେ ମଙ୍ଗଳବାର (୧୪ ଜୁଲାଇ) ଗୁଳିକାଣ୍ଡ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଆହତ ଚାଷୀ ମୋତିଲାଲ କୁଶୱାହା ଅଭିଯୋଗ କରିଛନ୍ତି ଯେ, ବାଗେଶ୍ୱର ଧାମର ପୀଠାଧିଶ ପଣ୍ଡିତ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀଙ୍କ ଭାଇ ଶାଳିଗ୍ରାମ ଗର୍ଗ ତାଙ୍କ ଉପରେ ଗୁଳି ଚଳାଇଥିଲେ ।ଆହତ ମୋତିଲାଲ କୁଶୱାହାଙ୍କ କହିବା ଅନୁସାରେ, ଅଞ୍ଚଳର ଚାଷୀମାନଙ୍କ ଉପରେ ଜମି ବିକ୍ରି କରିବା ପାଇଁ ଚାପ ପକାଯାଉଛି । ଯେଉଁ ଚାଷୀମାନେ ଜମି ବିକ୍ରି କରିବାକୁ ମନା କରୁଛନ୍ତି, ସେମାନଙ୍କୁ ମାଡ଼ ମରାଯାଉଛି ଏବଂ ଧମକ ଦିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏହି ଜମି ବିବାଦକୁ ନେଇ ତାଙ୍କ ଉପରେ ଗୁଳି ଚଳାଯାଇଥିବାରୁ ସେ ଆହତ ହୋଇଥିବା ଦାବି କରିଛନ୍ତି ।ଘଟଣା ପରେ ପରିବାର ସଦସ୍ୟ ଏବଂ ଗ୍ରାମବାସୀମାନେ ପୁଲିସ ସହଯୋଗରେ ଆହତ ଚାଷୀଙ୍କୁ ଚିକତ୍ସା ପାଇଁ ଜିଲ୍ଲା ହସ୍ପିଟାଲକୁ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସା ଚାଲିଛି । ପୁଲିସ ବର୍ତ୍ତମାନ ଘଟଣାର ତଦନ୍ତ ଜାରି ରଖିଛି । ଏହି ମାମଲାରେ ପୁଲିସର ସରକାରୀ ବିବୃତ୍ତି ଏବଂ ଏଫ୍‌ଆଇଆର୍ ସମ୍ବନ୍ଧୀୟ ସୂଚନାକୁ ଅପେକ୍ଷା କରାଯାଉଛି ।

# ପହଲଗାମ ଆକ୍ରମଣ ମାମଲା ; ହାଫିଜ୍ ସଇଦକୁ ଧରିବାକୁ କୋର୍ଟଙ୍କ କଡ଼ା ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ଲସ୍କର ମୁଖ୍ୟ ତଥା ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ହାଫିଜ୍ ସଇଦ ବିରୋଧରେ ଜାମିନବିହୀନ ଗିରଫଦାରି ଜାରି । ପହଲଗାମ ଆତଙ୍କବାଦୀ ଆକ୍ରମଣ ମାମଲାରେ ଜମ୍ମୁର ଏକ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି । ସ୍ୱତନ୍ତ୍ର ଏନଆଇଏ କୋର୍ଟ ମାମଲାର ଶୁଣାଣି କରି ଜୁଲାଇ ୮ ତାରିଖରେ ହାଫିଜ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି । ଏନଆଇ ପକ୍ଷରୁ ମାମଲାକୁ ନେଇ ସପ୍ଲିମେଣ୍ଟାରି ଚାର୍ଜସିଟ୍ ଦାଖଲ କରିବାର ଦିନକ ପରେ ଗିରଫ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର କୋର୍ଟ । ଚାର୍ଜସିଟରେ ଦର୍ଶାଯାଇଛି, ଲସ୍କର ଏତୋଇବାର ଶାଖା ଆତଙ୍କବାଦୀ ସଂଗଠନ ହେଉଛି ଦ ରେଜିସଷ୍ଟାଣ୍ଟ ଫ୍ରଣ୍ଟ ।ଏହି ନିଷିଦ୍ଧ ଆତଙ୍କୀ ସଂଗଠନର ଆତଙ୍କବାଦୀମାନେ ଗତ ବର୍ଷ ଏପ୍ରିଲ ୨୨ ତାରିଖରେ ପହଲଗାମରେ ନାରକୀୟ କାଣ୍ଡ ଭିଆଇଥିଲେ । ପର୍ଯ୍ୟଟକଙ୍କୁ ଧର୍ମ ପଚାରି ଗୁଳି କରି ହତ୍ୟା କରିଥିଲେ । ଆତଙ୍କିବାଦୀ ଆକ୍ରମଣରେ ୨୬ ଜଣ ନିରୀହ ନାଗରିକ ପ୍ରାଣ ହରାଇଥିଲେ । ଏହି ଆକ୍ରମଣ ପାଇଁ ହାଫିଜ ସୟିଦ ଷଡ଼ଯନ୍ତ୍ରଣ କରିଥିବା ଏନଆଇ ତଦନ୍ତ ବେଳେ ଜଣାପଡ଼ିଛି । ବିଶ୍ୱସ୍ତରରେ ଆତଙ୍କବାଦୀ ଘୋଷିତ ହାଫିଜ ସୟିଦ, ମୁମ୍ବାଇ ଆକ୍ରମଣ ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ।

# ଭୋଜଶାଳା ବିବାଦ: କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):**ମଧ୍ୟପ୍ରଦେଶର ଧାରରେ ଥିବା ଭୋଜଶାଳା ପରିସରର ଧାର୍ମିକ ପରିଚୟ ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରୁଛନ୍ତି । ସୁପ୍ରିମକୋର୍ଟ ସୂଚିତ କରିଛନ୍ତି, ଯେ ହିନ୍ଦୁ ଏବଂ ମୁସଲିମ ଉଭୟ ପକ୍ଷଙ୍କ ଅଧିକାରକୁ କ୍ଷତି ନ ପହଞ୍ଚାଇ ଆଖପାଖରେ ଥିବା କିଛି ଅଞ୍ଚଳକୁ ଶୁକ୍ରବାର ନମାଜ ପାଠ ପାଇଁ ନିର୍ଦ୍ଦିଷ୍ଟ କରାଯାଇପାରିବ । କୋର୍ଟ କହିଛନ୍ତି, ଆମେ ପ୍ରତିଦିନ ମାମଲାର ଶୁଣାଣି କରିବାକୁ ଏବଂ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତୁତ । ଧାର ଜିଲ୍ଲାର ବିବାଦୀୟ ୧୧ ଶତାବ୍ଦୀର ଭୋଜଶାଳା-କମଲ ମୌଲା ସଂକଳନକୁ ଦେବୀ ସରସ୍ୱତୀଙ୍କ ମନ୍ଦିର ବୋଲି ଘୋଷଣା କରାଯାଇଥିବା ହାଇକୋର୍ଟଙ୍କର ନିଷ୍ପତ୍ତିକୁ ଚ୍ୟାଲେ କରି ମୁସଲିମ ପକ୍ଷ ଦ୍ୱାରା ଦାୟର ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ମଧ୍ୟପ୍ରଦେଶ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି ।ସୁପ୍ରିମକୋର୍ଟ କହିଛିଁ ଯେ, ଏହି ମାମଲାକୁ ଯାଞ୍ଚ କରାଯିବ ଏବଂ ଏହି ସମୟ ମଧ୍ୟରେ, ଏକ ମଧ୍ୟବର୍ତ୍ତୀକାଳୀନ ପଦକ୍ଷେପ ସ୍ୱରୂପ, ମୁସଲିମ ସମ୍ପ୍ରଦାୟକୁ ଶୁକ୍ରବାର ଦିନ ଅପରାହ୍ନ ୧ଟାରୁ ୩ଟା ମଧ୍ୟରେ ନମାଜ ପାଠ କରିବା ପାଇଁ ପରିସର



ନିକଟରେ ଏକ ପୃଥକ ଖୋଲା ସ୍ଥାନ ଦିଆଯାଉ । ସୁପ୍ରିମକୋର୍ଟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସୁପ୍ରିମକୋର୍ଟଙ୍କ ଅନୁମତି ବିନା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସଆଇ) କୌଣସି ସାଂରଚନିକ ପରିବର୍ତ୍ତନ କରିବ ନାହିଁ ।ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ଭି.ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ବ୍ୟବହୃତ ପ୍ରତ୍ୟେକ ଶବ୍ଦକୁ ଅତି ସତର୍କତାର ସହ ବିଚାର କରାଯିବା ଉଚିତ୍ । ଏଗୁଡ଼ିକ ଅତ୍ୟନ୍ତ ସମ୍ବେଦନଶୀଳ ମାମଲା । କୋର୍ଟରେ କ'ଣ କୁହାଯାଏ ତାହା ଅଯଥା ବିବାଦ ସୃଷ୍ଟି କରିପାରେ କିମ୍ବା ଭୁଲ୍ ବାର୍ତ୍ତା ପଠାଇପାରେ । ବ୍ୟବହୃତ ପ୍ରତ୍ୟେକ ଶବ୍ଦ ପ୍ରତି ଆମକୁ ବହୁତ ସତର୍କ ରହିବାକୁ ପଡିବ ବୋଲି ଖଣ୍ଡପୀଠ କହିଛନ୍ତି । ସିଜେଆଇ ମୌଖିକ ଭାବରେ କହିଥିଲେ, ଏହା ପ୍ରଥମ ଥର ଯେ ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ସହିତ ଜଡିତ ଏକ ମାମଲା ଆମ ସାମ୍ନାକୁ ଆସୁଛି । ଆମେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାରେ ରାଜ୍ୟର ଅସହାୟତାକୁ ମଧ୍ୟ ବିଚାରକୁ ନେଉଛୁ । ଆମର ମତ ଯେ ବର୍ତ୍ତମାନର ବ୍ୟବସ୍ଥା ସହିତ, ଏହି ମାମଲାକୁ ୧୦ ରୁ ୧୫ ଦିନ ମଧ୍ୟରେ ଏକ ଉପଯୁକ୍ତ ଖଣ୍ଡପୀଠ ସମ୍ମୁଖରେ ଶୁଣାଣି ପାଇଁ ତାଲିକାଭୁକ୍ତ କରାଯାଉ ।

## ଆସାମ ନାଗରିକତା ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ଟ୍ରିବ୍ୟୁନାଲରେ ହେବ ବିଚାର

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):**ଆସାମରେ ୨୭ଜଣ ବ୍ୟକ୍ତିଙ୍କୁ ବିଦେଶୀ ଘୋଷଣା କରିବା ନେଇ ଗୌହାଟୀ ହାଇକୋର୍ଟଙ୍କ ରାୟକୁ ଖାରଜ କରି ଦେଇଛନ୍ତି ସୁପ୍ରିମକୋର୍ଟ । ନିରପେକ୍ଷ, ଆଇନଗତ ଓ ଯୁକ୍ତିଯୁକ୍ତ ପ୍ରକ୍ରିୟାରେ ନାଗରିକତାର ନିର୍ଣ୍ଣୟ କରାଯିବା ଜରୁରି ବୋଲି ବିଚାରପତି ବିକ୍ରମ ନାଥ ଓ ବିଚାରପତି ସନ୍ଦୀପ ମେହଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଏହି ୨୭ଜଣଙ୍କ ନାଗରିକତ୍ୱ ମାମଲାର ବିଚାର ଫରେନର୍ସ ଟ୍ରିବ୍ୟୁନାଲରେ ହେବ ବୋଲି ଖଣ୍ଡପୀଠ ପକ୍ଷରୁ ରାୟ ଦିଆଯାଇଛି । ଆବେଦନକାରୀମାନେ ଯୁକ୍ତି ବାଢିଥିଲେ ଯେ, ପୁରୁଣା ଭୋଟର ତାଲିକାରେ ସେମାନଙ୍କ ନାଁ ବନାନରେ ସାମାନ୍ୟ ପରିବର୍ତ୍ତନ ଭଳି ଛୋଟଛୋଟ ବୈଷୟିକ ତ୍ରୁଟି ପାଇଁ ସେମାନଙ୍କୁ ବିଦେଶୀ ଘୋଷଣା କରାଯାଇଛି ।ଏହାକୁ ବିରୋଧ କରି ସେମାନେ ଗୌହାଟୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ । ତେବେ ଗୌହାଟୀ ହାଇକୋର୍ଟ ସେମାନଙ୍କ ଆବେଦନ ଖାରଜ କରାଯାଇଥିଲା । ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ନାଗରିକତ୍ୱର ପ୍ରମାଣ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ସୁପ୍ରିମକୋର୍ଟ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦଲିଲର ବୈଧତା କିମ୍ବା ପ୍ରାମାଣିକତା ଉପରେ କୌଣସି ମତ ଦେଇନାହାନ୍ତି । ତେବେ ମାମଲାର ପୂର୍ଣ୍ଣ ଶୁଣାଣି ଫରେନର୍ସ ଟ୍ରିବ୍ୟୁନାଲରେ ହେବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ।

# ମୁଦ୍ରାସ୍ଫୀତି ବୃଦ୍ଧିକୁ ନେଇ କେନ୍ଦ୍ର ଉପରେ ବର୍ଷିଲା କଂଗ୍ରେସ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧିକୁ ନେଇ କଂଗ୍ରେସ ଆଜି କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିବା ସହ ବିଜେପି ନେତୃତ୍ୱାଧୀନ ସରକାରଙ୍କ ୧୨ ବର୍ଷର ଶାସନ କାଳରେ ସାଧାରଣ ପରିବାରର ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଥିବା ଅଭିଯୋଗ କରିଛି । ନିକଟରେ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୩୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ୪ ପ୍ରତିଶତ ମଧ୍ୟମ ଅବଧି ଲକ୍ଷ୍ୟକୁ ପ୍ରଥମ ଥର ପାଇଁ ଅତିକ୍ରମ କରିଛି । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି କହିଛନ୍ତି ଯେ, ମୋଦୀ ସରକାରଙ୍କ ୧୨ ବର୍ଷର ପ୍ରକୃତ ସାରାଂଶ ହେଉଛି ମିଥ୍ୟା ପ୍ରତିଶ୍ରୁତିର ବନ୍ୟା ଏବଂ ଜନସାଧାରଣଙ୍କ ଉପରେ ମୁଦ୍ରାସ୍ଫୀତି ଓ ବେକାରୀର ନିର୍ଦ୍ଦୟ ପ୍ରହାର ।

ସହରାଞ୍ଚଳରେ ମୁଦ୍ରାସ୍ଫୀତି ୩.୯୨ ପ୍ରତିଶତ ଥିବା ବେଳେ ଗ୍ରାମୀଣ ଭାରତରେ ଏହା ୪.୭୪ ପ୍ରତିଶତରେ ପହଞ୍ଚିଛି । ମୁଦ୍ରାସ୍ଫୀତି ବୃଦ୍ଧି ସହିତ ବ୍ୟାଙ୍କ ସୁଧ ହାର ବଢ଼ିବା ଆଶଙ୍କା ଦେଖାଦେଇଛି, ଯାହା ମଧ୍ୟବିତ୍ତ ଶ୍ରେଣୀ ଉପରେ ଘର ଓ ଗାଡ଼ିର ଇଏମଆଇ ବୋଝକୁ ଆହୁରି ବଢ଼ାଇଦେବ । ଖାଦ୍ୟ ମୁଦ୍ରାସ୍ଫୀତି ହାର ୪.୭୮ ପ୍ରତିଶତରୁ ବୃଦ୍ଧି ପାଇ ୫.୩୨ ପ୍ରତିଶତ ହୋଇଥିବା ବେଳେ ସୁନା, ରୁପା, ହୀରା ଅଳଙ୍କାର ସମେତ ଅଦା, ବିଲାତି ଏବଂ କିସମିସ ଭଳି ସାମଗ୍ରୀର ମୂଲ୍ୟ ସବୁଠାରୁ ଅଧିକ ବୃଦ୍ଧି ପାଇଛି । ପୁଞ୍ଜିପତିଙ୍କ ସମର୍ଥକ ସାଜିଥିବା ପ୍ରଧାନମନ୍ତ୍ରୀ ମୋଦୀ ସାଧାରଣ ଲୋକଙ୍କ କଷ୍ଟକୁ କେବେ ଶୁଣିବେ ଏବଂ ଏହି ସମସ୍ୟାର ସମାଧାନ କରିବେ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି ।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ସମୟ ମାଗିଲେ ଅରବିନ୍ଦ କେଜ୍ରିୱାଲ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):**ଇଥାନଲ୍ ମିଶ୍ରିତ (ଇ-୨୦) ପେଟ୍ରୋଲକୁ ନେଇ ଦେଖାଦେଇଥିବା ଜନ ଅସନ୍ତୋଷ ଓ ବୈଷୟିକ ସମସ୍ୟା ବାବଦରେ ଆଲୋଚନା କରିବା ପାଇଁ ଆମ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପାଇଁ ସମୟ ମାଗିଛନ୍ତି । ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ଲେଖିଥିବା ଏକ ପତ୍ରରେ କେଜ୍ରିୱାଲ ସାଧାରଣ ଗ୍ରାହକଙ୍କୁ ପେଟ୍ରୋଲ ପମ୍ପରେ ଶୁଦ୍ଧ ପେଟ୍ରୋଲ କିମ୍ବା ଇ-୨୦ ପେଟ୍ରୋଲ ମଧ୍ୟରେ ବିକଳ୍ପ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ସାଧାରଣ ଜନତାଙ୍କଠାରୁ ମିଳିଥିବା ମତାମତ ଏବଂ ଇ-୨୦ ପେଟ୍ରୋଲର ସମସ୍ୟାଗୁଡ଼ିକୁ ସେ ପ୍ରଧାନମନ୍ତ୍ରୀଙ୍କ ଆଗରେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି ବୋଲି ପ୍ରକାଶ କରିଛନ୍ତି ।ନିୟମିତ ପେଟ୍ରୋଲ ତୁଳନାରେ ଇ-୨୦ ପେଟ୍ରୋଲ କମ୍



ମାଇଲେଜ୍ ଦେଉଥିବାରୁ ଏହାର ମୂଲ୍ୟ ହ୍ରାସ କରିବାକୁ ସେ ଦାବି କରିଛନ୍ତି । ଏହି ପ୍ରସଙ୍ଗରେ ଆପ୍ ପକ୍ଷରୁ ଏକ ଅନଲାଇନ୍ ପିଟିସନ୍ ଆରମ୍ଭ କରାଯାଇଛି, ଯେଉଁଠି ନାଗରିକମାନେ ଇ-୨୦ ପେଟ୍ରୋଲ ବ୍ୟବହାରର ମାଇଲେଜ୍ ସମ୍ବନ୍ଧୀୟ ଅଭିଜ୍ଞତା ସେୟାର୍ କରିପାରିବେ ଏବଂ ଏହି ସ୍ୱାକ୍ଷରିତ ପିଟିସନକୁ ପ୍ରଧାନମନ୍ତ୍ରୀଙ୍କୁ ହସ୍ତାନ୍ତର କରାଯିବ । ଏହାସହ ଗ୍ରାହକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ଅଭିଜ୍ଞତାର ଭିଡିଓ ସୋସିଆଲ ମିଡିଆରେ ସେୟାର୍ କରିବାକୁ କେଜ୍ରିୱାଲ ଦଳୀୟ କର୍ମୀ ଓ ସମର୍ଥକମାନଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଖୁବଶୀଘ୍ର ତାଙ୍କୁ ସାକ୍ଷାତ ପାଇଁ ସମୟ ଦେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ପ୍ରଶାନ୍ତ କିଶୋରଙ୍କର ୯୬ କୋଟି ଟଙ୍କାର ସମ୍ପତ୍ତି

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):**ବିହାରରେ ବାଙ୍କୀପୁର ବିଧାନସଭା ଉପନିର୍ବାଚନ ଲଢୁଥିବା ଜନ ସୁରାଜ ପାର୍ଟି ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କ ସମ୍ପତ୍ତି ମୂଲ୍ୟ ୯୬ କୋଟି ଟଙ୍କା । ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ପ୍ରଶାନ୍ତ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡିଛି । ପ୍ରଶାନ୍ତ କିଶୋର ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୨୨.୧୯ କୋଟି ଘୋଷଣା କରିଥିବାବେଳେ ସ୍ଥାବର ସମ୍ପତ୍ତିର ମୂଲ୍ୟ ୭୩.୮୭ କୋଟି ଘୋଷଣା କରିଛନ୍ତି । ପ୍ରଶାନ୍ତ କିଶୋରଙ୍କ ପତ୍ନୀ ଜାହ୍ନବୀ ଦାସ ହେଉଛନ୍ତି ଆସାମର ଜଣେ ଡାକ୍ତର । ସେ ପ୍ରଶାନ୍ତଙ୍କଠାରୁ ଅଧିକ ଧନୀ । ତାଙ୍କ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୮୯.୫୧ କୋଟି ଥିବାବେଳେ ସ୍ଥାବର ସମ୍ପତ୍ତି ମୂଲ୍ୟ ୧୨.୪୨ କୋଟି ରହିଛି ।କିଶୋରଙ୍କ ସତ୍ୟପାଠରେ ଦର୍ଶାଯାଇଛି ଯେ ସେ ୫.୭୭ କୋଟି ଟଙ୍କାର ବ୍ୟାଙ୍କ ଋଣ କରିଛନ୍ତି । ତାଙ୍କ ପତ୍ନୀଙ୍କର ୨ଟି ଫ୍ଲାଟ୍ ଅଛି ଏବଂ ଗୌହାଟୀରେ ଏକ ବଙ୍ଗଳାରେ ତାଙ୍କର ଏକ ତୃତୀୟାଂଶ ସେୟାର ଅଛି । କିଶୋର ନିଜେ ମଧ୍ୟ ଗାଜିଆବାଦରେ



୨ଟି ଫ୍ଲାଟ୍ କିଣିଛନ୍ତି । ଏଥିସହ ସେ ପାଟନାର ପାଟଳୀପୁତ୍ର କଲୋନି ଏବଂ ଦିଲ୍ଲୀର ବସନ୍ତ ବିହାରରେ ଜାଗା କିଣିଛନ୍ତି । ପୈତୃକ ଗ୍ରାମରେ ମଧ୍ୟ ତାଙ୍କର ସମ୍ପତ୍ତି ଅଛି ।ସତ୍ୟପାଠରେ ପ୍ରଶାନ୍ତ କିଶୋରଙ୍କ ବିରୋଧରେ ୮ଟି ମାମଲା ଥିବା ଦର୍ଶାଯାଇଛି । କିନ୍ତୁ କେ ?ଣସି ମାମଲାରେ ତାଙ୍କ ବିରୋଧରେ ଚାର୍ଜଫ୍‌ରେମ୍ କରାଯାଇନାହିଁ । ଉଲ୍ଲେଖଯୋଗ୍ୟ ଯେ ବିଜେପି ମୁଖ୍ୟ ନିତୀନ ନବୀନ ଗତ କିଛି ମାସ ତଳେ ବାଙ୍କୀପୁର ଆସନ ଛାଡିବାପରେ ଉକ୍ତ ଆସନରେ ଉପନିର୍ବାଚନ ଆବଶ୍ୟକ ପଡିଛି । ପାରମ୍ପରିକ ଭାବେ ଏହା ବିଜେପି ଗଡ ହୋଇଥିବାବେଳେ ଏବେ ଏହି ଆସନରେ ହାଇ ପ୍ରୋଫାଇଲ୍ ଲଢେଇ ଚାଲିଛି । ପ୍ରଶାନ୍ତ କିଶୋର ଉକ୍ତ ଆସନରେ ନିର୍ବାଚନ ଲଢୁଥିବାବେଳେ ବିଜେପି ଉକ୍ତ ଆସନରେ ନିରଜ କୁମାର ସିହ୍ନାଙ୍କୁ ପ୍ରାର୍ଥୀ କରିଛି । ନିର୍ବାଚନ ରଣନୀତିଜ୍ଞରୁ ରାଜନେତା ହୋଇଥିବା ପ୍ରଶାନ୍ତ କିଶୋର କହିଛନ୍ତି, ଏହା କେବଳ ମୋର ନାମାଙ୍କନ' ନୁହେଁ ବରଂ ଏହା ବିହାରରେ ରାଜନୈତିକ ପରିବର୍ତ୍ତନ ପାଇଁ ଏକ ଆହ୍ୱାନ ।

# ଅଖିଳେଶଙ୍କୁ କ୍ଷମା ମାଗିଲେ ନିଶିକାନ୍ତ ଦୁବେ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ ମାମଲାକୁ ନେଇ ଜାରି ରାଜନୀତି ମଧ୍ୟରେ ବିବାଦୀୟ ପୋଷ୍ଟ କରି ଅଡୁଆରେ ବିଜେପି ସାଂସଦ ନିଶିକାନ୍ତ ଦୁବେ । ଏପରିକି ତାଙ୍କୁ ଏ ନେଇ କ୍ଷମା ମାଗିବାକୁ ପଡିଛି । ନିଶିକାନ୍ତ ସୋସିଆଲ ମିଡିଆରେ ପୋଷ୍ଟ କରି ରାମ ମନ୍ଦିର ଦାନ ଅର୍ଥ ଆତ୍ମସାତ କରିଥିବା ଜଣେ ଅଭିଯୁକ୍ତ ଟିନ୍ନୁ ଯାଦବଙ୍କ ସହ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସଂପର୍କ ଥିବା ଦାବି କରିଥିଲେ । ହେଲେ ନିଜର ଏହି ପୋଷ୍ଟ ପାଇଁ ଅକଳରେ ପଡିବା ପରେ ଅଖିଳେଶଙ୍କୁ କ୍ଷମା ମାଗିଛନ୍ତି ନିଶିକାନ୍ତ ଦୁବେ ।ଏହି ସମ୍ପୂର୍ଣ୍ଣ ବିବାଦ ରାମ ଜନ୍ମଭୂମି ମନ୍ଦିରର ଦାନ ଅର୍ଥ ହରିଲୁଟ୍ ମାମଲାର ମୁଖ୍ୟ ଅଭିଯୁକ୍ତ ରାମଶଙ୍କର ଓରଫ୍ 'ଟିନ୍ନୁ ଯାଦବ'ଙ୍କ ସହ ଜଡ଼ିତ । ବିଜେପି ସାଂସଦ ନିଶିକାନ୍ତ ଦୁବେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଥିଲେ, ଟିନ୍ନୁ କ'ଣ ଟିପୁ ସହ କଥା ହେଉନଥିଲା ? ସୂଚନାଯୋଗ୍ୟ ଯେ, ଅଖିଳେଶ ଯାଦବଙ୍କୁ ରାଜନୈତିକ ମହଲରେ ଲୋକେ 'ଟିପୁ' ନାମରେ ମଧ୍ୟ ଜାଣନ୍ତି । ଦୁବେଙ୍କ ଏହି ଟିପ୍ପଣୀ ପରେ ସିଧାସଳଖ ଭାବେ ଅଭିଯୁକ୍ତ ଚୋର ସହ ଅଖିଳେଶ ଯାଦବଙ୍କ ସମ୍ପର୍କ ଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା ।ଏହି ଅଭିଯୋଗକୁ ନେଇ ସମାଜବାଦୀ ପାର୍ଟି ଅତ୍ୟନ୍ତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲା । ଅଖିଳେଶ ଯାଦବ ସାଂସଦ ଦୁବେଙ୍କୁ ୧୦ ମିନିଟ୍ ମଧ୍ୟରେ ନିଜ ପୋଷ୍ଟ ଡିଲିଟ୍ କରିବାକୁ କହିଥିଲେ, ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ରହିବାକୁ ଚେତାବନୀ ଦେଇଥିଲେ । ଏହାପରେ ଏସପି ପକ୍ଷରୁ ନିଶିକାନ୍ତ ଦୁବେଙ୍କୁ ବିନା ସର୍ତ୍ତରେ କ୍ଷମା ମାଗିବା ଓ ପୋଷ୍ଟ ହଟାଇବା ପାଇଁ ଆଇନଗତ ନୋଟିସ୍ ପଠାଯାଇଥିଲା ।ସମାଜବାଦୀ ପାର୍ଟିର କର୍ମିକର୍ତ୍ତାମାନେ ଲକ୍ଷ୍ନୌ ଏବଂ ଇଟାୱାରେ ସାଂସଦଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ପୋଲିସ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ । ସମାଜବାଦୀ ପାର୍ଟି ଅଭିଯୋଗ ଥିଲା ଯେ, ରାମ ମନ୍ଦିର ଦାନ ଆତ୍ମସାତ ମାମଲାରେ ଶାସକ ଦଳ ନିଜର ବିଫଳତା ଲୁଚାଇବା ପାଇଁ ବିରୋଧୀଙ୍କ ଉପରେ ଏଭଳି ମିଥ୍ୟା ଅଭିଯୋଗ ଲଗାଉଛି ।

## ମାକ୍ରନଙ୍କ ନିଷ୍ପତ୍ତି ନେଇ ରୁଷର ଚିନ୍ତା ବଢ଼ିଲା

# ଫ୍ରାନ୍ସର ଘାତକ ଅସ୍ତ୍ର ଏବେ ୟୁକ୍ରେନରେ ତିଆରି ହେବ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି । ଫ୍ରାନ୍ସ ଘୋଷଣା କରିଛି ଯେ, ୟୁକ୍ରେନକୁ ନିଜର ଉନ୍ନତ କ୍ଷେପଣାସ୍ତ୍ର, ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ଏବଂ ଗ୍ଲାଇଡ୍ ବୋମାର ଘରୋଇ ଉତ୍ପାଦନ ପାଇଁ ଏକ ସରକାରୀ ଲାଇସେନ୍ସ ପ୍ରଦାନ କରିବ । ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି । ପ୍ରଥମ ଥର ପାଇଁ ଫ୍ରାନ୍ସ କୌଣସି ଦେଶକୁ ନିଜର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାର ଅଧିକାର ଦେଇଛି । ରାଷ୍ଟ୍ରପତି ମାକ୍ରନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରୋଡମ୍ୟାପରେ ଅନେକ ଘାତକ ଅସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ ରହିଛି । ଏହି ଚୁକ୍ତିନାମାରେ ମୁଖ୍ୟତଃ ସ୍କାଲ୍ପ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର, ଆଷ୍ଟର ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍ଟର ଏବଂ ଆସମ ପ୍ରିସିସନ୍-ଗାଇଡେଡ୍ ବାୟୁରୁ ଭୂମି ବୋମା ଅନ୍ତର୍ଭୁକ୍ତ ରହିଛି ।ଏହି ପଦକ୍ଷେପ ରୁଷ ଉପରେ ୟୁକ୍ରେନର ଆକ୍ରମଣ କରିବାର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । କାରଣ ଏହି ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ୟୁକ୍ରେନକୁ ଆଉ ବିଦେଶୀ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ । କ୍ଷେପଣାସ୍ତ୍ର ଉତ୍ପାଦନ ବ୍ୟତୀତ, ଫ୍ରାନ୍ସ ୟୁକ୍ରେନକୁ ଏହାର ପରବର୍ତ୍ତୀ ପିଢ଼ିର ପ୍ରତିରକ୍ଷା ପ୍ରଣାଳୀରେ ସଜ୍ଜିତ କରିବାକୁ ଯାଉଛି । ରାଷ୍ଟ୍ରପତି ମାକ୍ରନ ଘୋଷଣା କରିଛନ୍ତି ଯେ, ଫ୍ରାନ୍ସ ୟୁକ୍ରେନକୁ ଅତ୍ୟାଧୁନିକ ରାଡାର ସିଷ୍ଟମ ଏବଂ ୧୬ଟି ରାଫେଲ ଯୁଦ୍ଧ ବିମାନ ହସ୍ତାନ୍ତର କରିବ । ଏହି ରାଫେଲ ବିମାନଗୁଡ଼ିକ ୨୦୨୮ କିମ୍ବା ୨୦୨୯ ସୁଦ୍ଧା ୟୁକ୍ରେନୀୟ ଆକାଶ ସୀମାରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । ଏହା ସହିତ, କିଭ୍ ପରବର୍ତ୍ତୀ ପିଢ଼ିର ସାମ୍ପ/ଟି ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ଅର୍ଡର ଦେଇଛି, ଯାହାର ବିତରଣ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜୁଲାଇ ୮ ତାରିଖରେ ୟୁକ୍ରେନକୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଉତ୍ପାଦନ ପାଇଁ ଲାଇସେନ୍ସ ପ୍ରଦାନ କରିବା ପରେ ଫ୍ରାନ୍ସର ଏହି ନିଷ୍ପତ୍ତି ଆସିଛି । ୟୁକ୍ରେନ ବହୁ ଦିନ ଧରି ରୁଷର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣର ମୁକାବିଲା କରିବା ପାଇଁ ଏହି କ୍ଷେପଣାସ୍ତ୍ର ନିର୍ମାଣ ପାଇଁ ଅନୁମତି ଚାହୁଁଥିଲା । ଏହା ସହିତ ୟୁକ୍ରେନ ଏବଂ ଅନ୍ୟ ନଅଟି ୟୁରୋପୀୟ ଦେଶ ମଧ୍ୟ ଆଣ୍ଟି-ବାଲାଷ୍ଟିକ୍ ମିସାଇଲ୍ ମେଣ୍ଟ ଆରମ୍ଭ କରିଛନ୍ତି, ଯାହାର ଲକ୍ଷ୍ୟ ୟୁରୋପର କ୍ଷେପଣାସ୍ତ୍ର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଏବଂ ୟୁକ୍ରେନର ଘରୋଇ 'ଫ୍ରେୟା' ବାୟୁ ପ୍ରତିରକ୍ଷା ପ୍ରଣାଳୀର ବିକାଶକୁ ସମର୍ଥନ କରିବା ।ୟୁକ୍ରେନରେ ସ୍ଥାନୀୟ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଯୁଦ୍ଧର ଖର୍ଚ୍ଚ ହ୍ରାସ କରିବା ସହ ଯୋଗାଣ ଶୃଙ୍ଖଳା ବିଳମ୍ବକୁ ମଧ୍ୟ ଦୂର କରିବ ।

# ଆମେରିକାର ବଡ଼ ଦାବି, ଖୁବଶୀଘ୍ର ଆମ ଦଖଲକୁ ଆସିବ ହର୍ମୁଜ

**ନୂଆଦିଲ୍ଲୀ,୧୪ ।୭(ଏଜେନ୍ସି):** ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି କି ଇରାନ ବିରୁଦ୍ଧରେ ଆମେରୀକିୟ ସୈନ୍ୟବାହିନୀର ଅଭିଯାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆମେରୀକିୟ ସୈନ୍ୟବାହିନୀ ଇରାନ ର ନୌସେନା , ବାୟୁସେନା , ମିସାଇଲ୍ ଓ ଡ୍ରୋନ କ୍ଷମତାକୁ ଗଭୀର କ୍ଷତି ପହଞ୍ଚାଇଛନ୍ତି , ତାସହ ସ୍ଟ୍ରେଟ ଅଫ୍ ହର୍ମୁଜ ଉପରେ ମଧ୍ୟ ନିୟନ୍ତ୍ରଣ ସ୍ଥାପନ କରିବାର ବହୁତ ପାଖରେ । ସୋମବାର ରାତିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ , ଇରାନ ବିରୁଦ୍ଧରେ ନିଜ ସୈନ୍ୟବାହିନୀର ପଦକ୍ଷପକୁ ନେଇ ଏକ ବଡ ବୟାନ ଦେଇଛନ୍ତି । ସେମାନଙ୍କ କହିବା ଅନୁଯାଇ ଆମେରିକା ଲଗାତାର ଭୀଷଣ ଆକ୍ରମଣ କରିଚାଲିଛି ଏବଂ ଇରାନର ସୈନ୍ୟ କ୍ଷମତାକୁ ପ୍ରାୟତଃ ଶେଷ କରିଦିଆଯାଇଛି । ବହୁତ ଶିଘ୍ର ସ୍ଟ୍ରେଟ ଅଫ୍ ହରମୁଜ



ଉପରେବି ରହିବ ନିୟନ୍ତ୍ରଣ । ଦୁଇଦିନ ପୁର୍ବରୁ ହବାର ଥିଲା ଶାନ୍ତିଚୁକ୍ତି , କିନ୍ତୁ ଠିକ୍ ସମୟରେ ପଛକୁ ହଟିଗଲା ଇରାନ ବର୍ତ୍ତମାନ ଆମେରିକାଠୁ ଖାଉଛନ୍ତି ମାଡ ।ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କହିବା ଅନୁଯାଇ ଇରାନର ସୈନ୍ୟବାହିନୀ ପୁର୍ଣ୍ଣତଃ ନଷ୍ଟ ହୋଇଯାଇଛି ଓ ମୋଜତାବା ଖାମେନଇ ମଧ୍ୟ ପ୍ରାୟତଃ ଶେଷ ହେବା ଉପରେ । ସେମାନେ ଇରାନ ଉପରେ ନାକାବନ୍ଦି କରିବା ସହ ହରମୁଜ ଦେଇ ଯାଉଥିବା ଜାହାଜ ଠାରୁ ପଇସା ଆଦାୟ କରିବା ପାଇଁ ଆହ୍ୱାନ କରିଛନ୍ତି । ଆମେରିକା ନିଜକୁ ଏହି ଜଳମାର୍ଗର ରକ୍ଷକ ଘୋଷଣାକରିବା ସହ ୨୦ ପ୍ରତିଶତ ଟୋଲ ଟ୍ୟାକ୍ସ ଆଦାୟ କରିବାକୁ ପ୍ରସ୍ତାବ ରଖିଛି ।



## ଭାରତରେ ଅଧିକ ଧନୀ ବ୍ୟକ୍ତିଙ୍କ ଉତ୍ଥାନ ଓ ପ୍ରିମିୟମ ବ୍ୟାଙ୍କିଙ୍ଗର ବିକାଶ

**ଭୁବନେଶ୍ୱର, ୧୩।୭ (ନି.ପ୍ର):** ଭାରତରେ ମଧ୍ୟବିତ ଶ୍ରେଣୀର ବୃଦ୍ଧି ଆକସ୍ମିକ ଭାବରେ ଜନସଂଖ୍ୟାର ଏକ ନୂତନ ଶ୍ରେଣୀ ସୃଷ୍ଟି କରିଛି। ବିଗତ ବର୍ଷଗୁଡ଼ିକରେ ବ୍ୟାପକତାରୁ ବିଳାସପୂର୍ଣ୍ଣତା ପର୍ଯ୍ୟନ୍ତ ଅର୍ଥନୈତିକ କାହାଣୀରେ ଏକ ପରିବର୍ତ୍ତନ , ଏକ ଅଧିକ ଧନୀ ଜନସଂଖ୍ୟାର ବୃଦ୍ଧି ଘଟାଇଛି। ପାରମ୍ପରିକ ଖୁଚୁରା ଗ୍ରାହକ ଓ ଅତ୍ୟଧିକ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ଅବସ୍ଥାପିତ ଏହି ମାସ୍-ଆଫ୍ଲୁଏଂଟ ସେଗମେଂଟ ବା ଧନୀ ବର୍ଗ ଉପଯୋଗ, ଆକାଂକ୍ଷା ଓ ଆର୍ଥିକ ସମ୍ପୃକ୍ତିକୁ ବହୁମାତ୍ରାରେ ପରିଭାଷିତ କରୁଛି। ବିଶ୍ୱସ୍ତରରେ ସଚେତନ ଓ ଡିଜିଟାଲି ଚତୁର ହେବା ବ୍ୟତୀତ ଏହି ଧନୀ ବର୍ଗ ନିକଟରେ ବର୍ଦ୍ଧିତ ବ୍ୟୟ ଶକ୍ତି ଓ ନୂତନ ଆକାଂକ୍ଷା ରହିଛି। ମୂଲ୍ୟକୁ ନେଇ ଗଭୀର ସଚେତନତା ଥିବା ଏହି ଧନୀ ବର୍ଗ, ମିଳିତ ଭାବେ ଏହି ଅର୍ଥନୈତିକ ପରିବର୍ତ୍ତନ ସହ, ପ୍ରିମିୟମ ବ୍ୟାଙ୍କିଙ୍ଗ ପ୍ରତି ରହିଥିବା ଦୃଷ୍ଟିକୋଣକୁ ମୌଳିକ ରୂପେ ପରିବର୍ତ୍ତନ କରୁଛି। ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଭାରତର ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ଆର୍ଥିକ ବଜାରଗୁଡ଼ିକ ସହ ବ୍ୟକ୍ତିଗତ ଯୋଗଦାନ ମଧ୍ୟ ବୃଦ୍ଧି ପାଇଛି, କାରଣ ବାର୍ଷିକ ପାରିବାରିକ ଆର୍ଥିକ ସଂଚୟରେ ଇକ୍ୱିଟି ଓ ମ୍ୟୁଚୁଆଲ ଫଣ୍ଡଗୁଡ଼ିକର ଅଂଶ ବହୁମାତ୍ରାରେ ବୃଦ୍ଧି ପାଇଛି। ଏହା ୨୦୧୨ ଆର୍ଥିକ ବର୍ଷରେ ପ୍ରାୟ ୨% ଥିବା ବେଳେ ୨୦୨୫ ଆର୍ଥିକ ବର୍ଷରେ ୧୫.୨%କୁ ବୃଦ୍ଧି ପାଇଛି। ଏହାର ପ୍ରତିକ୍ରିୟାରେ ଭାରତୀୟ ବ୍ୟାଙ୍କଗୁଡ଼ିକ ଏକକ ଉତ୍ପାଦରୁ ସମନ୍ୱିତ ଉତ୍ପାଦ ଆଡ଼କୁ ରୂପାନ୍ତରିତ ହେଉଛନ୍ତି। ଏହି ଶୁଭାରମ୍ଭ ସମ୍ପର୍କରେ ମତବ୍ୟକ୍ତ କରି ଉଜ୍ଜୀବନ ସ୍ମଲ ଫାଇନାନ୍ସ ବ୍ୟାଙ୍କର ରିଟେଲ ଲାୟାବିଲିଟିଜ-ଟିଏଏସସି ଓ ଟିପିପିର ମୁଖ୍ୟ ଶ୍ରୀ ହିତେନ୍ଦ୍ର ଝା କହିଛନ୍ତି, ‘ବଢୁଥିବା ଆୟ, ଉଦ୍ୟୋଗିକ ଅଭିବୃଦ୍ଧି ଏବଂ ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ଆନ୍ତର୍ଜାତୀୟ ଜୀବନଶୈଳୀ ପାଇଁ ବର୍ଦ୍ଧିତ ପହଂଚ ଭାରତରେ ପ୍ରମୁଖ ଧନୀ ବର୍ଗର ବୃଦ୍ଧି ଘଟାଇଛି। ମାସ୍ ଆଫ୍ଲୁଏଂଟ ବା ଧନାଢ୍ୟ ବ୍ୟକ୍ତିମାନେ ଉତରାଧିକାରୀ ଭାବେ ସମ୍ପତି ପାଇନାହାନ୍ତି ବରଂ ନିଜେ ସମ୍ପତି ନିର୍ମାଣ କରିଛନ୍ତି, ଯାହା ସେମାନଙ୍କୁ ବହୁମାତ୍ରାରେ ଚତୁର, ସ୍ୱତନ୍ତ୍ର, ସମୟ-ସଚେତନ ଓ ବ୍ୟକ୍ତିଗତ ଆର୍ଥିକ ସମାଧାନଗୁଡ଼ିକ ପ୍ରତି ଆକର୍ଷିତ କରୁଛି।

## କ୍ରୟଠାରୁ ମାନସିକ ଶାନ୍ତି ପର୍ଯ୍ୟନ୍ତ: ଗୋଦରେଜ ଏକ ବ୍ୟାପକ ଉତ୍ପାଦ ୱାରେଂଟି ଶକ୍ତି

**ଭୁବନେଶ୍ୱର, ୧୪।୭ (ନି.ପ୍ର):** ଯେକୌଣସି ଗୃହ ଉପକରଣର ପ୍ରକୃତ ମାପଦଣ୍ଡ କ୍ରୟ ସମୟ ସୀମାଠାରୁ ବହୁତ ଆଗକୁ ଯାଇଥାଏ। କିପରି ସେହି ଉପକରଣଟି ଦୈନନ୍ଦିନ ଜୀବନରେ ନିରବଚ୍ଛିନ୍ନ ଭାବରେ ଖାପ ଖାଉଛି, ଘରେ ଆପଣଙ୍କ ଆରାମ ଓ ସୁବିଧା ବୃଦ୍ଧି କରୁଛି ଏବଂ ସମୟ ସହିତ ଆଶା ପୂରଣ କରିବା ଜାରି ରଖୁଛି ତାହା ଆପ୍ଲାଏନ୍ସର ପ୍ରକୃତ ମୂଲ୍ୟ ବାହାର କରିଥାଏ। ଏକ ବ୍ୟାପକ ୱାରେଂଟି ଗ୍ରାହକମାନଙ୍କୁ ଅପ୍ରତ୍ୟାଶିତ ଖର୍ଚ୍ଚ ଓ ଉତ୍ପାଦର କାର୍ଯ୍ୟଦକ୍ଷତାରେ ବ୍ୟାଘାତରୁ ସୁରକ୍ଷା ଦେବାରେ ପ୍ରମୁଖ ଭୂମିକା ତୁଲାଇଥାଏ। ଯେକୌଣସି ଗୃହ ଉପକରଣ କିଣିବା ସମୟରେ ଗ୍ରାହକମାନେ ପ୍ରାୟତଃ ଉତ୍ପାଦର ବୈଶିଷ୍ଟ୍ୟ, ସୌନ୍ଦର୍ଯ୍ୟ, ମୂଲ୍ୟ ଓ ୱାରେଂଟି ଉପରେ ଧ୍ୟାନ ଦିଅନ୍ତି। କିନ୍ତୁ ୱାରେଂଟି ସର୍ତ୍ତାବଳୀକୁ ସମ୍ପୂର୍ଣ୍ଣ ଦେଖିନଥାନ୍ତି। ଏକ ବର୍ଗରେ ଯେଉଁଠାରେ ଉପକରଣଗୁଡ଼ିକ ବର୍ଷ ବର୍ଷ ଧରି ଚାଲିବ ବୋଲି ଆଶା କରାଯାଏ,ସେଠାରେ ୱାରେଂଟି କେବଳ ଏକ ଅତିରିକ୍ତ ସୁବିଧା ନୁହେଁ; ବରଂ ବିଶ୍ୱସନୀୟ କ୍ରୟ ପରବର୍ତ୍ତୀ ସେବା ଏବଂ ବ୍ୟାପକ ୱାରେଂଟି ନିଶ୍ଚିତ କରିବା ଉତ୍ପାଦର କାର୍ଯ୍ୟଦକ୍ଷତା ଭଳି ଗୁରୁତ୍ୱପୂର୍ଣ୍ଣ। ବାସ୍ତବରେ ବ୍ୟାପକ ୱାରେଂଟି କ୍ରୟ ନିଷ୍ପତିରେ ଏକ ପ୍ରମୁଖ ପାର୍ଥକ୍ୟ ସୃଷ୍ଟିକାରୀ ଭାବରେ ଉଭା ହେଉଛି ଯାହା ବିକ୍ରୟ ପରବର୍ତ୍ତୀ ନିଶ୍ଚିତତାକୁ ଏକ ସେବା ସୁବିଧାରୁ ଗ୍ରାହକ ବିଶ୍ୱାସର ଏକ ଅତ୍ୟାବଶ୍ୟକ ଉପାଦାନରେ ରୂପାନ୍ତରିତ କରୁଛି। ଯଦି ଏକ ନୂତନ ଗୃହ ଉପକରଣ କ୍ରୟ କରିବାକୁ ଯୋଜନା କରୁଛନ୍ତି, ତେବେ ଗୋଦରେଜ୍ ଏଂଟରପ୍ରାଇଜେସ୍ ଗ୍ରୁପ୍‌ର ଆପ୍ଲାଏନ୍ସେସ୍ ବିଜନେସ୍‌ର ସର୍ଭିସ୍ ହେଡ୍ ଅର୍ଣ୍ଣବ ବାଗ୍‌ଚୀଙ୍କ ଠାରୁ କିଛି ୱାରେଂଟି ସମ୍ବନ୍ଧୀୟ ପରାମର୍ଶ ଏଠାରେ ଦିଆଯାଇଛି ଯାହା ଆପଣଙ୍କୁ ସାହାଯ୍ୟ କରିପାରେ: ଉପକରଣ ମାଲିକାନାର ଦୀର୍ଘକାଳୀନ ମୂଲ୍ୟକୁ ବୁଝନ୍ତୁ କ୍ରୟ ମୂଲ୍ୟ ଆପଣଙ୍କର ଉପକରଣ ମାଲିକାନା ଯାତ୍ରାର କେବଳ ଆରମ୍ଭ ମାତ୍ର। ସମ୍ଭାବ୍ୟ ମରାମତି ଖର୍ଚ୍ଚ, ଅତିରିକ୍ତ ସ୍ପେୟାର୍ ପାର୍ଟସ୍‌ର ଉପଲବ୍ଧତା ଏବଂ କ୍ରୟ ପରେ ଲାଗୁ ହୋଇପାରୁଥିବା ସେବା ଶୁଳ୍କ କୁ ହିସାବକୁ ନିଅନ୍ତୁ। ଉତ୍ପାଦର ଦୀର୍ଘ ଜୀବନକାଳ ମଧ୍ୟରେ ଏକ ପ୍ରକୃତ ସୂଚନାଭିତ୍ତିକ କ୍ରୟ ନିଷ୍ପତି ନେବା ପାଇଁ ଶକ୍ତି ଦକ୍ଷତା ଏବଂ ରକ୍ଷଣାବେକ୍ଷଣ ଆବଶ୍ୟକତା ସହିତ ମାଲିକାନାର ସମୁଦାୟ ମୂଲ୍ୟକୁ ବିଚାର କରନ୍ତୁ। ସ୍ପଷ୍ଟ ସର୍ତ୍ତାବଳୀ ଥିବା ଏକ ୱାରେଂଟି ଆପଣଙ୍କୁ ପ୍ରଭାବଶାଳୀ ଭାବରେ ବଜେଟ୍ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ଏବଂ ଉତ୍ପାଦ ମାଲିକାନାର ଗୁରୁତ୍ୱପୂର୍ଣ୍ଣ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଅପ୍ରତ୍ୟାଶିତ ଖର୍ଚ୍ଚ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାଏ।

ବ୍ୟାପକ ୱାରେଂଟି ଓ ଯେକୌଣସି ସାଧାରଣ ୱାରେଂଟି ମଧ୍ୟରେ ପାର୍ଥକ୍ୟ କରନ୍ତୁ ସାଧାରଣ ୱାରେଣ୍ଟିରେ କେବଳ କିଛି ଅଂଶ ପାଇଁ ସୀମିତ ସୁବିଧା ମିଳେ। ଏହା ବ୍ୟତୀତ ବୈଷୟିକ ସର୍ତ୍ତ, ମହଙ୍ଗା ମରାମତି ଖର୍ଚ୍ଚ ଓ ଅନ୍ୟାନ୍ୟ ଲୁକ୍କାୟିତ ଦେୟ ଗ୍ରାହକଙ୍କୁ ବହନ କରିବାକୁ ପଡ଼ିପାରେ। ଉଦାହରଣ ସ୍ୱରୂପ: ୧ ବର୍ଷର ଉତ୍ପାଦ ୱାରେଂଟି ଏବଂ ୫-୧୦ ବର୍ଷର କମ୍ପ୍ରେସର ୱାରେଂଟି ଥିବା ଏକ ଏସି କେବଳ ଦୀର୍ଘକାଳ ପାଇଁ କମ୍ପ୍ରେସରକୁ ସୁରକ୍ଷା ପ୍ରଦାନ କରିବ ଏବଂ ଯଦି ପିସିବି କିମ୍ବା ଫ୍ୟାନ୍ ମୋଟର ଖରାପ ହୁଏ, ଗ୍ୟାସ୍ ଲିକେଜ୍ ହୁଏ କିମ୍ବା ଅନ୍ୟ କୌଣସି ସମସ୍ୟା ଦେଖାଦିଏ, ତେବେ ଗ୍ରାହକଙ୍କୁ ଟଙ୍କା ଦେବାକୁ ପଡିବ। ଅପରପକ୍ଷରେ ଏକ ବ୍ୟାପକ ୱାରେଂଟି ପ୍ରମୁଖ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରିଥାଏ ଯାହା ଅପ୍ରତ୍ୟାଶିତ ମରାମତି ଖର୍ଚ୍ଚର ବିପଦକୁ ହ୍ରାସ କରିଥାଏ। ଛୋଟ ଅକ୍ଷରରେ ଲେଖାଯାଇଥିବା ସର୍ତ୍ତାବଳୀଗୁଡ଼ିକ ଯେପରି ଆପଣଙ୍କୁ ଅପ୍ରସ୍ତୁତ ନ କରେ। ଅଧିକାଂଶ ଉପକରଣ ସହ ସାଧାରଣ ୱାରେଣ୍ଟି ମିଳିଥାଏ, କିନ୍ତୁ ବିଭିନ୍ନ ବ୍ରାଣ୍ଡ ଓ ଉତ୍ପାଦ ଶ୍ରେଣୀ ଅନୁସାରେ ୱାରେଣ୍ଟିର ସର୍ତ୍ତ ଓ ନିୟମ ଯଥେଷ୍ଟ ଭିନ୍ନ ହୋଇଥାଏ। କଣ ସବୁ ସୁବିଧା ଦିଆଯାଇଛି, କଣ ବାଦ୍ ଦିଆଯାଇଛି, ଲୁକ୍କାୟିତ ଖର୍ଚ୍ଚ, ବାର୍ଷିକ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ସୁବିଧାର ଅବଧି ଉପରେ ଧ୍ୟାନ ଦିଅନ୍ତୁ। ଉଦାହରଣ ସ୍ୱରୂପ, ଯାଂଚ କରନ୍ତୁ ଯେ ୱାରେଂଟିରେ ଗ୍ୟାସ୍ ରିଫିଲ୍ କିମ୍ବା ରିମୋଟ୍ ଅନ୍ତର୍ଭୁକ୍ତ ଅଛି କି ନାହିଁ। କିଛି ୱାରେଂଟି କେତେକ ବ୍ୟବହାରଯୋଗ୍ୟ ଅଂଶର ଖର୍ଚ୍ଚ ବହନ କରିନପାରେ ଏବଂ ଅନ୍ୟ କେତେକର ସେବା ଉପଲବ୍ଧତା ଉପରେ ଭୌଗଳିକ ସୀମା ଥାଇପାରେ। ଏହି ବିବରଣୀଗୁଡ଼ିକୁ ଆଗୁଆ ବୁଝିବା ଆପଣଙ୍କୁ ଏକ ସୂଚନା ଭିତ୍ତିକ ନିଷ୍ପତି ନେବାରେ ଏବଂ ପରେ ଅପ୍ରତ୍ୟାଶିତ ଖର୍ଚ୍ଚରୁ ରକ୍ଷା ପାଇବାରେ ସାହାଯ୍ୟ କରିବ। ଗୃହ ଉପକରଣଗୁଡ଼ିକର ମୂଲ୍ୟାଙ୍କନ କରିବା ସମୟରେ ୱାରେଂଟି ସର୍ତ୍ତାବଳୀ ଉତ୍ପାଦର ନିର୍ଦ୍ଦିଷ୍ଟତା ଏବଂ ମୂଲ୍ୟ ସହିତ ସମାନ ଗୁରୁତ୍ୱ ବହନ କରିବା ଉଚିତ୍। ଏକ ବ୍ୟାପକ ୱାରେଂଟି ନିଜ ଉତ୍ପାଦର ଗୁଣବତ୍ତା ଉପରେ ନିର୍ମାତାଙ୍କ ଆତ୍ମବିଶ୍ୱାସ ଏବଂ ଗ୍ରାହକଙ୍କ ସନ୍ତୋଷ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଗୋଦରେଜ୍‌ରେ ଆମେ ସ୍ୱୀକାର କରୁ ଯେ ଗ୍ରାହକମାନେ ବର୍ଷ ବର୍ଷ ଧରି ବିଶ୍ୱସନୀୟ ସେବା ଆଶା କରି ଆମର ଉପକରଣ ଗୁଡ଼ିକରେ ବିନିଯୋଗ କରନ୍ତି, ସେଥିପାଇଁ ଆମର ୫ ବର୍ଷର ମାଗଣା ବ୍ୟାପକ ୱାରେଂଟିର ଅଫର୍ ହେଉଛି କୌଣସି ଲୁକ୍କାୟିତ ଖର୍ଚ୍ଚ ବିନା ସ୍ୱଚ୍ଛତା ପ୍ରଦାନ କରିବାର ଏକ ପ୍ରତିଶ୍ରୁତି।

## ମନ୍ତ୍ରା ଇଲେକ୍ଟ୍ରିକ ଓ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୧୪।୭ (ନି.ପ୍ର) :** ଜାତୀୟ ରାଜଧାନୀ ଅଂଚଳ (ଏନସିଆର)ରେ ପୁରୁଣା ଟ୍ରକ ଓ ବସଗୁଡ଼ିକୁ ବଦଳାଇବା ଲାଗି ଜାତୀୟ ରାଜଧାନୀ ଅଂଚଳ ଯୋଜନା ବୋର୍ଡ (ଏଏସିଆରପିବି) ନୀତିକୁ ସମର୍ଥନ କରିବା ପାଇଁ ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ ବାଣିଜ୍ୟିକ ଯାନ ନିର୍ମାଣ କରୁଥିବା ମନ୍ତ୍ରା ଇଲେକ୍ଟ୍ରିକ ପକ୍ଷରୁ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ (ଏମଓଆରଟିଏଚ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରା ଇଲେକ୍ଟ୍ରିକର ଇଏମଏଚସିଭି ଓ ଇଏସସିଭି ବ୍ୟବସାୟ ତରଫରୁ ମନ୍ତ୍ରଣାଳୟ ସହିତ ଏହି ବୁଝାମଣା କରାଯାଇଥିଲା। ଏନସିଆରେ ଚାଲୁଥିବା ଅତି ପୁରୁଣା ଓ ପ୍ରଦୂଷଣକାରୀ ବାଣିଜ୍ୟିକ ଯାନଗୁଡ଼ିକୁ ବଦଳାଇବା ପାଇଁ ଏନସିଆରପିବି ନୀତି ପ୍ରସ୍ତୁତ କରାଯାଇଛି। ଇଲେକ୍ଟ୍ରିକ ବାଣିଜ୍ୟିକ ଯାନ ଆଗୁଆ ଗ୍ରହଣ କରିବାର ଲକ୍ଷ୍ୟ ହେଉଛି ଯାନ ଜନିତ କାର୍ବନ ନିର୍ଗମନକୁ ଶୂନ କରି ବାୟୁ ମାନରେ ଉନ୍ନତି ଆଣିବା ଓ ଭାରତର ବ୍ୟାପକ ଡିକାର୍ବନାଇଜେସନ ଲକ୍ଷ୍ୟକୁ ସମର୍ଥନ କରିବା। ମନ୍ତ୍ରାର ଉଭୟ ସଂସ୍ଥା ଯୋଗ୍ୟ ଫ୍ଲିଟ ଅପରେଟର ଓ ଗ୍ରାହକମାନଙ୍କୁ ସମାଧାନ ଜରିଆରେ ସହାୟତା ପ୍ରଦାନ କରିବେ ଯାହା ଏହି ଅଂଚଳରେ ସ୍ୱଚ୍ଛ ଯାନବାହନ ଚଳାଚଳ ଆଡ଼କୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ବାଣିଜ୍ୟିକ ଯାନ ବର୍ଗରେ ଉଦ୍ଦେଶ୍ୟକୁ ନେଇ ଗଠିତ ଇଲେକ୍ଟ୍ରିକ ଗମନାଗମନ ସମାଧାନ ପ୍ରଦାନ କରିବା ପାଇଁ ମନ୍ତ୍ରାର ରହିଥିବା ବ୍ୟାପକ ଲକ୍ଷ୍ୟ ସହ ଏହି ଅଭିଯାନ ସମନ୍ୱିତ ରହିଛି। ରାଇନୋ ସିରିଜ ଜରିଆରେ ମଧ୍ୟରୁ ହେଭି ଡ୍ୟୁଟି ଇଲେକ୍ଟ୍ରିକ ଟ୍ରକ ପର୍ଯ୍ୟନ୍ତ ଏବଂ ଏଭିଏଟର ଜରିଆରେ କ୍ଷୁଦ୍ର ବାଣିଜ୍ୟିକ ଇଲେକ୍ଟ୍ରିକ ଟ୍ରକ ପର୍ଯ୍ୟନ୍ତ ସ୍ଥାୟୀ ପରିବହନ ସମାଧାନ ଚାହୁଁଥିବା ଫ୍ଲିଟ ଅପରେଟରମାନଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବାକୁ କମ୍ପାନି ପ୍ରସ୍ତୁତ ରହିଛି। ଭାରତର ଅନ୍ୟତମ ସବୁଠୁ ପ୍ରଦୂଷିତ ଅଂଚଳରେ ଜୀବାଶ୍ମ ଇନ୍ଧନରେ ଚାଲୁଥିବା ଯାନ ଜନିତ ନିର୍ଗମନକୁ ହ୍ରାସ କରିବାରେ ଭାରତ ସରକାରଙ୍କ ଏହି ଗାଡ଼ି ପରିବର୍ତ୍ତନ ନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଆଶା କରାଯାଉଛି ଏବଂ ଇଲେକ୍ଟ୍ରିକ ଟ୍ରକର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଅନୁକୂଳ ପରିବେଶ ସୃଷ୍ଟି କରିବ।

## ହର୍ବାଲାଇଫ୍ ଇଣ୍ଡିଆ ପକ୍ଷରୁ ଫର୍ମୁଲା ୧ ନ୍ୟୁଟ୍ରିସନାଲ ସେକ ଶୃଙ୍ଖଳାରେ ଡେଟ୍ସ କାରାମେଲ୍ ଭାରିଆଣ୍ଟ ସାମିଲ

**ଭୁବନେଶ୍ୱର, ୧୪।୭ (ନି.ପ୍ର):** ଏକ ପ୍ରମୁଖ ସ୍ୱାସ୍ଥ୍ୟ ଓ ୱେଲନେସ୍ କମ୍ପାନି ହର୍ବାଲାଇଫ୍ ଇଣ୍ଡିଆ ଏହାର ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଶୃଙ୍ଖଳାରେ ଏକ ନୂତନ ‘ଡେଟ୍ସ କାରାମେଲ୍’ ଭରିଆଣ୍ଟ ସାମିଲ କରିଛି। କାରାମେଲ୍ ଓ ଖଜୁରିର ସ୍ୱାଦକୁ ଘନୀଭୂତ ଖଜୁରି ରସରୁ ପ୍ରସ୍ତୁତ ଡେଟ୍ କ୍ରଞ୍ଚେସର ଅତିରିକ୍ତ ଗଠନ ସହିତ ଏକାଠି ଅଣାଯାଇଛି ଯାହା ଏକ ଆରାମଦାୟକ ସ୍ୱାଦ ଓ ନିର୍ଭରଯୋଗ୍ୟ ଦୈନନ୍ଦିନ ପୋଷଣର ସନ୍ତୁଳନ ପ୍ରଦାନ କରୁଛି। ଉପଭୋକ୍ତାମାନେ ସେମାନଙ୍କ ଦୈନନ୍ଦିନ ଆହାରରେ ସୁବିଧା ଓ ସଙ୍ଗତି ସହିତ ସ୍ୱାଦକୁ ମିଶ୍ରଣ କରୁଥିବା ବିକଳ୍ପଗୁଡିକ ଖୋଜିବା ଜାରି ରଖିଥିବା ସମୟରେ ଏହି ନୂତନ ଉତ୍ପାଦ ଆସିଛି। ଏହା ସହିତ ହର୍ବାଲାଇଫ୍ ଏହାର ବିଦ୍ୟମାନ ଫର୍ମୁଲା ୧ ସ୍ୱାଦ ଶୃଙ୍ଖଳାର ବିସ୍ତାର କରୁଛି ଯେଉଁଥିରେ ଭାନିଲା, ଡଚ ଚକୋଲେଟ୍, ମ୍ୟାଙ୍ଗୋ, କୁଲ୍ଫି ଓ ରୋଜ୍ ଖିର୍ ସାମିଲ ଅଛି ଯାହା ଗ୍ରାହକମାନଙ୍କୁ ସେମାନେ ପୂର୍ବରୁ ବିଶ୍ୱାସ କରୁଥିବା ଉତ୍ପାଦଗୁଡିକ ସହିତ ରହି ନିଜ ପସନ୍ଦ ଅନୁଯାୟୀ ସ୍ୱାଦ ବାଛିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରୁଛି। ଏହି ଶୁଭାରମ୍ଭ ଉପରେ ମନ୍ତବ୍ୟ ଦେଇ ହର୍ବାଲାଇଫ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଜୟ ଖାନ୍ନା କହିଛନ୍ତି ଯେ, ‘ଆଜି ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଯାଉଛି ଯେଉଁଥିରେ ଅଧିକ ଲୋକ ଏପରି ପୋଷଣ ଖୋଜୁଛନ୍ତି ଯାହା କୌଣସି ବୁଝାମଣା ଭଳି ନ ଲାଗି ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ସ୍ୱାଭାବିକ ଭାବରେ ଖାପ ଖାଇଯିବ। ଆଶା ହେଉଛି ସରଳ ଓ ଏପରି କିଛି ଯାହା ବ୍ୟବହାର କରିବା ସହଜ, ଉପଭୋଗ୍ୟ ଓ ତଥାପି ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରୁଥିବ। ଡେଟ୍ସ କାରାମେଲ୍ ଭରିଆଣ୍ଟ ସହିତ ଆମର ଉତ୍ପାଦ ନବସୃଜନ ମାଧ୍ୟମରେ କ୍ରମବିକଶିତ ଉପଭୋକ୍ତା ପସନ୍ଦଗୁଡିକର ପ୍ରତିକ୍ରିୟା ଦେବା ଉଦ୍ଦେଶ୍ୟ ଥିଲା ଯାହା ଫର୍ମୁଲା ୧ ଶୃଙ୍ଖଳା ପାଇଁ ଜଣାଶୁଣା ସଂତୁଳିତ ପୋଷଣ ସହିତ ସତ୍ୟ ରହି ଅଧିକ ପସନ୍ଦ ପ୍ରଦାନ କରିଥାଏ।




ଏହା ଏପରି ଏକ ଉପାୟରେ ଅଧିକ ପସନ୍ଦ ପ୍ରଦାନ କରିବା ବିଷୟ ଯାହା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ସହିତ ସଙ୍ଗତି ରକ୍ଷା କରିବାରେ ସାହାଯ୍ୟ କରିବ। ହର୍ବାଲାଇଫ୍‌ରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ପ୍ରାସଙ୍ଗିକ ଓ ସେମାନଙ୍କୁ ସ୍ୱାସ୍ଥ୍ୟକର, ଅଧିକ ସକ୍ରିୟ ଜୀବନଯାପନ କରିବାରେ ସମର୍ଥନ କରୁଥିବା ବିଜ୍ଞାନ-ଆଧାରିତ ଉତ୍ପାଦ ପ୍ରଦାନ କରିବା ଉପରେ ହିଁ ଧ୍ୟାନ କେନ୍ଦ୍ରୀଭୂତ ରହିଛି। ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଡେଟ୍ସ କାରାମେଲ୍ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏବଂ ମିନେରାଲ୍ସ ସହିତ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଏକ ସନ୍ତୁଳିତ ମିଶ୍ରଣ ପ୍ରଦାନ କରୁଛି ଯାହା ଦୈନନ୍ଦିନ ପୋଷଣ ଆବଶ୍ୟକତାକୁ ସମର୍ଥନ କରିଥାଏ। ପ୍ରତ୍ୟେକ ଥର ବ୍ୟବହାର ୯ ଗ୍ରାମ ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ପ୍ରୋଟିନ୍, ୩ ଗ୍ରାମ ତନ୍ତୁ ଓ ୧୯ଟି ଭିଟାମିନ୍ ଓ ମିନେରାଲ୍ସ ପ୍ରଦାନ କରୁଛି ଯାହା ଉତ୍ପାଦ ଲେବଲ୍‌ରେ ନିର୍ଦ୍ଦିଷ୍ଟ କରାଯାଇଥିବା ସୁପାରିସ ଅନୁଯାୟୀ ଗ୍ରହଣ କଲେ ଏକ ଭୋଜନ ବିକଳ୍ପ ଭାବରେ କାର୍ଯ୍ୟ କରିବ।

## ବ୍ୟାଗ ବହନ କରିବା ଠାରୁ ଟ୍ରଫି ଉଠାଇବା ପର୍ଯ୍ୟନ୍ତ: ଓଡ଼ିଶାର ହକି ପ୍ରତିଭାର ଦୃଢ଼ ଉତ୍‌ଥାନ

# ଦୀପସାନ ତିର୍କୀଙ୍କ ସଫଳତାର ଯାତ୍ରା

**ସୁନ୍ଦରଗଡ଼, ୧୪।୭ (ନି.ପ୍ର):** ସୁନ୍ଦରଗଡ଼ର ହୃଦୟରେ, ଜଣେ ଛୋଟ ପୁଅ ଥରେ ହକି ଟ୍ରାଏଲରେ ଠିଆ ହୋଇଥିଲା, ହାତରେ ପାଣି ବୋତଲ ଏବଂ କିଟ୍ ବ୍ୟାଗ୍ ଥିଲା। ସେ ଖେଳିବା ପାଇଁ ସେଠାରେ ନଥିଲେ; ସେ ତାଙ୍କ ବଡ଼ ଭାଇଙ୍କ ପାଇଁ ନିଯୁକ୍ତ ବ୍ୟାଗ୍-ବାହକ ଥିଲେ। ଆଜି, ସେହି ପୁଅ ଜଣେ ଜୁନିଅର ବିଶ୍ୱକପ୍ ଚାମ୍ପିଅନ୍ ଏବଂ ବେଦାନ୍ତ କଳିଙ୍ଗ ଲାନ୍ସର୍ସର ସାମ୍ପ୍ରତିକ ଟ୍ରଫି ବିଜୟୀ ଅଭିଯାନର ଜଣେ ପ୍ରମୁଖ ସ୍ଥପତି। ଦୀପସାନ ତିର୍କୀଙ୍କ ପାଇଁ, ଓଡ଼ିଶାର ଧୂଳିପୂର୍ଣ୍ଣ ଗ୍ରାମ ପଡ଼ିଆରୁ ଅନ୍ତର୍ଜାତୀୟ ହକିର ନୀଳ ଆଷ୍ଟ୍ରୋଟର୍ଫ ପର୍ଯ୍ୟନ୍ତ ଯାତ୍ରା ଧୈର୍ଯ୍ୟ, ଅପ୍ରତ୍ୟାଶିତ ସୁଯୋଗ ଏବଂ ତାଙ୍କ ଘରୋଇ ରାଜ୍ୟକୁ ପରିଭାଷିତ କରୁଥିବା ଏକ କ୍ରୀଡ଼ା ପ୍ରତି ଗଭୀର ପ୍ରେମର କାହାଣୀ। ଏକ ଏପରି ଅଞ୍ଚଳରେ ବଢ଼ିବା ଯେଉଁଠାରେ ହକି ଏକ କ୍ରୀଡ଼ା ଅପେକ୍ଷା ଅଧିକ, ଏହା ଏକ ଐତିହ୍ୟ, ଖେଳ ପ୍ରତି ଖେଳାଳିଙ୍କ ପରିଚୟ ଅନିବାର୍ଯ୍ୟ ଥିଲା। ‘ଆମ ଅଞ୍ଚଳରେ, ଆମେ ଅନ୍ୟ ଖେଳ ଅଛି ବୋଲି ଜାଣି ନଥିଲୁ। ଆମେ ଖବରକାଗଜରେ ଦିଲୀପ ତିର୍କୀଙ୍କ ପରି କିମ୍ବଦନ୍ତୀମାନଙ୍କୁ ଦେଖି ବଡ଼ ହୋଇଥିଲୁ। ଆମର ଟିଭି ନଥିଲା, ତେଣୁ ଯେତେବେଳେ ପାଖରେ କୌଣସି ମ୍ୟାଚ୍ ହେଉଥିଲା, ଆମେ କେବଳ ଦେଖିବାକୁ ଯାଇଥିଲୁ,’ ଦିପସାନ ମନେ ପକାଇଛନ୍ତି। ତାଙ୍କ




ବାପା, ଯିଏ ନିଜେ ଜଣେ ପୂର୍ବତନ ଖେଳାଳି, ପ୍ରଥମେ ବଡ଼ ଭାଇ ଉପରେ ତାଙ୍କର ଭରସା ରଖିଥିଲେ, ସାନ ଭାଇର ପ୍ରତିଭାକୁ ଅଧିକ ସମୟ ପାଇଁ ଦୂରେଇ ରଖାଯାଇ ପାରିବ ନାହିଁ। ଏକ ବର୍ଷ ଧରି ପରିଧିରୁ ଦେଖିବା ପରେ, ସେ ପରୀକ୍ଷା ପାଇଁ ଗୋଟିଏ ସୁଯୋଗ ମାଗିଥିଲେ। ସେ ତାଙ୍କର ପ୍ରଥମ ପ୍ରୟାସରେ ହିଁ ସ୍ଥାନ ପାଇଲେ, ଗାଁରୁ ଏକ ସରକାରୀ କ୍ରୀଡ଼ା ଛାତ୍ରାବାସକୁ ଚାଲିଗଲେ ଯେଉଁଠାରେ ସ୍ୱପ୍ନ ଏକ ବୃତ୍ତିଗତ ରୂପ ନେବା ଆରମ୍ଭ କଲା। ବିର୍ସା ମୁଣ୍ଡା ଷ୍ଟାଡିୟମର ବିଶ୍ୱସ୍ତରୀୟ ସୁବିଧା ପୂର୍ବରୁ, ପ୍ରକୃତ ଅର୍ଥରେ ନମ୍ର ଆରମ୍ଭ ହୋଇଥିଲା। ଦିପସାନ ସେହି ସମୟକୁ ମନେ ପକାଇଛନ୍ତି ଯେତେବେଳେ ଏକ ସଠିକ୍ ବାଡ଼ି ମଧ୍ୟ ଏକ ବିଳାସପୂର୍ଣ୍ଣ ବିଷୟ ଥିଲା। ‘ଆମେ କିଛି ନ ନେଇ ଆରମ୍ଭ କରିଥିଲୁ। ପିଲାବେଳେ, ଆମେ କାଠରେ ଖୋଦେଇ କରିଥିବା ବାଡ଼ି ସହିତ ଖେଳୁଥିଲୁ। ଶେଷରେ ମୁଁ ମୋର ସମ୍ପର୍କୀୟ ପ୍ରବୋଧ ଏବଂ ଇଗ୍‌ନେସ୍ ତିର୍କୀଙ୍କଠାରୁ ଏକ ପୁରୁଣା ବାଡ଼ି ଉତ୍ତରାଧିକାରୀ ଭାବରେ ପାଇଲି, କିନ୍ତୁ ଜୋତା ଏବେ ବି ଏକ ବିଳାସ ଥିଲା। ମୁଁ ସ୍ପଷ୍ଟ ଭାବରେ ମନେ ରଖିଛି ଯେ କେବଳ ଏକ ବାଡ଼ି ଏବଂ ମୋର ଶିନ୍ ଗାର୍ଡ ସହିତ ଖାଲି ପାଦରେ ଖେଳିବା।’

## ଏୟାର ଇଣ୍ଡିଆକୁ ବିଶ୍ୱର ଶ୍ରେଷ୍ଠ ୫ ସମୟାନୁବର୍ତି ଏୟାରଲାଇନ୍ ମଧ୍ୟରେ ସ୍ଥାନ

**ଭୁବନେଶ୍ୱର, ୧୪।୭ (ନି.ପ୍ର) :** ୨୦୨୬ ଜୁନ ମାସରେ ବିଶ୍ୱର ଚତୁର୍ଥ ଶ୍ରେଷ୍ଠ ସମୟାନୁବର୍ତି ଏୟାରଲାଇନ ମଧ୍ୟରେ ଏୟାର ଇଣ୍ଡିଆକୁ ସ୍ଥାନ ମିଳିଛି ଯାହା ପରିଚାଳନା ଭରସାଯୋଗ୍ୟତା ଉପରେ କମ୍ପାନିର ଗୁରୁତ୍ୱକୁ ଦର୍ଶାଉଛି। ବିମାନ ଚଳାଚଳ କ୍ଷେତ୍ରର ଆନାଲିଟିକ୍ ସଂସ୍ଥା ସିରିଅମର ଅନ-ଟାଇମ ପରଫରମାନ୍ସ ରିପୋର୍ଟ ଅନୁସାରେ ଜୁନ ମାସରେ ଏୟାର ଇଣ୍ଡିଆର ୧୫,୧୩୫ଟି ବିମାନ ମଧ୍ୟରୁ ଅନ-ଟାଇମ ଆଗମନ ହାର ୮୬.୮୫ ପ୍ରତିଶତ ଥିଲା। କମ୍ପାନି ଠିକ ସମୟରେ ପ୍ରସ୍ଥାନ ହାର ୮୬.୨୩ ପ୍ରତିଶତ ଏବଂ ପୂରଣ ଫ୍ୟାକ୍ଟର ୯୯.୭ ପ୍ରତିଶତ ଥିଲା। ଅର୍ଥାତ କମ୍ପାନିର ସବୁ ବିମାନ ପୂର୍ବ ଯୋଜନା ଅନୁସାରେ ଉଡ଼ାଣ କରିଥିଲା। ଏହି ରେଙ୍କିଂ ପରିଚାଳନା ସ୍ଥାୟିତ୍ୱ, ଉନ୍ନତ ନେଟୱର୍କ ଯୋଜନା ଏବଂ ଡୋମେଷ୍ଟିକ ଓ ଅନ୍ତର୍ଜାତୀୟ ରୁଟରେ ଏୟାର ଇଣ୍ଡିଆର ନିରନ୍ତର ନିବେଶକୁ ପ୍ରତିଫଳିତ କରୁଛି। ଏକ ହବ-ଆଣ୍ଡ-ସ୍ପୋକ ନେଟୱର୍କ କ୍ୟାରିୟର ସଂସ୍ଥା ଭାବେ ଭାରତର ଦୁଇ ପ୍ରମୁଖ ବିମାନବନ୍ଦର ଦିଲ୍ଲୀ ଓ ମୁମ୍ବାଇରୁ କମ୍ପାନି ଘରୋଇ ଓ ଅନ୍ତର୍ଜାତୀୟ ଉଡ଼ାଣ କରୁଛି। ଏହି ବ୍ୟସ୍ତବହୁଳ ବିମାନବନ୍ଦରଗୁଡ଼ିକରେ ଭିଡ଼ ଓ ଏୟାର ଟ୍ରାଫିକ କଂଟ୍ରୋଲର କଟକଣାର ଆଶଙ୍କା ସତ୍ୱେ କମ୍ପାନି ଏଭଳି ସଫଳତା ପାଇଛି। ଗ୍ରାହକମାନଙ୍କୁ ନିରନ୍ତର ଭ୍ରମଣ ଅନୁଭୂତି ପ୍ରଦାନ କରିବା ପାଇଁ ସିଡ୍ୟୁଲ ଭରସାଯୋଗ୍ୟକୁ ସୁଦୃଢ଼ କରିବା ପାଇଁ ବିଗତ ଦିନଗୁଡ଼ିକରେ ଏୟାର ଇଣ୍ଡିଆ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ସେଗୁଡ଼ିକ ହେଉଛି ପ୍ରସ୍ଥାନରେ ଉନ୍ନତି, ସମୟାନୁବର୍ତିତା, ବିମାନ ଉଡ଼ାଣକୁ ସଂଗଠିତ କରିବା, ବାସ୍ତବ ସମୟ ନେଟୱର୍କ ନିରୀକ୍ଷଣରେ ଉନ୍ନତି ଏବଂ ପରିଚାଳନା ନିଷ୍ପତି ଗ୍ରହଣକୁ ଦ୍ରୁତ କରିବା। ଦୃଢ଼ ଆପତକାଳୀନ ଯୋଜନା ଜରିଆରେ ପରିଚାଳନା ସ୍ଥାୟିତ୍ୱ ଗଠନ କରିବା ଉପରେ କମ୍ପାନି ଜୋର ଦେଉଥିବା ବେଳେ ସମନ୍ୱୟ ବଢ଼ାଉଛି ଏବଂ ପାଣିପାଗ ଘଟଣା, ବାୟୁସୀମା କଟକଣା, ବିମାନବନ୍ଦର ଭିଡ଼ କିମ୍ବା ବୈଷୟିକ ସମସ୍ୟା ଭଳି ଅଭାବନୀୟ ଘଟଣାଗୁଡ଼ିକର ଦୃଢ଼ ମୁକାବିଲା କରିବା ପାଇଁ ଏହା ପରିଚାଳନା ନମନୀୟତା ବଜାୟ ରଖିଛି। ଏହି ପଦକ୍ଷେପଗୁଡ଼ିକ ବିଭ୍ରାଟର ପ୍ରଭାବକୁ କମ୍ କରିବା ସହ ନେଟୱର୍କ ସ୍ଥିରତାକୁ ସମର୍ଥନ କରୁଛି ଏବଂ ଭରସାର ସହ ଯାତ୍ରୀମାନେ ନିଜ ଗନ୍ତବ୍ୟ ସ୍ଥଳରେ ପହଂଚିବାକୁ ନିଶ୍ଚିତ କରୁଛି। କମ୍ପାନିରେ ସୁଧାର ଆଣିବା ପାଇଁ ଏୟାର ଇଣ୍ଡିଆର ରହିଥିବା ବ୍ୟାପକ ରୂପାନ୍ତରଣ ଯୋଜନା ପ୍ରତି ପରିଚାଳନା ପ୍ରଦର୍ଶନରେ ଉନ୍ନତି ଏକ ବଡ଼ ସହଯୋଗ। ଏଥି ଯୋଜନା ଅଧୀନରେ କମ୍ପାନି ବିମାନଗୁଡ଼ିକର ଆଧୁନିକୀକରଣ, ଗ୍ରାହକ ଅନୁଭୂତିରେ ଉନ୍ନତି, ଡିଜିଟାଲ ନବସୃଜନ ଉପରେ ଧ୍ୟାନ ଦେଉଥିବା ବେଳେ ଅନ୍ତର୍ଜାତୀୟ ଯୋଗାଯୋଗକୁ ମଧ୍ୟ ସୁଦୃଢ଼ କରୁଛି। ଏହି ରୂପାନ୍ତରଣ ଯୋଜନା ଅଧୀନରେ ଏୟାର ଇଣ୍ଡିଆ ବିଶ୍ୱର ସର୍ବବୃହତ ଫ୍ଲିଟ ନବୀକରଣ କାର୍ଯ୍ୟକ୍ରମ ଅଧୀନରେ ୬୦୦ ନୂଆ ଏୟାରବସ ଓ ବୋଇଂ ବିମାନ କିଣିବା ବରାଦ ଦେଇଛି ଏବଂ ଏଥି ସହିତ ପୁରୁଣା ବିମାନଗୁଡ଼ିକର ଆଧୁନିକୀକରଣ କରୁଛି। କମ୍ପାନି ଗତ ୬ ମାସରେ ତିନିଟି ବୋଇଂ ୭୮୭-୯ ବିମାନ ଏହାର ଫ୍ଲିଟରେ ଯୋଡ଼ିଚି ଏବଂ ୨୦୨୬ରେ ବୋଇଂ ୭୮୭-୯ଏସ ଓ ଏୟାରବସ ଏ୩୫୦-୧୦୦୦ ଯୋଡ଼ିହେବାକୁ ଯାଉଛି। ସମାନ୍ତରାଳ ଭାବେ ଏୟାର ଇଣ୍ଡିଆ ନିଜର ଚଉଡ଼ା ବଡ଼ି ଥିବା ଫ୍ଲିଟକୁ ରେଟ୍ରୋଫିଟ କରୁଛି। ଏହାର ଥିବା ୨୬ଟି ବୋଇଂ ୭୮୭-୮ ବିମାନ ମଧ୍ୟରୁ ଦୁଇଟି ବିମାନର ଭିତର ପାର୍ଶ୍ୱକୁ ସମ୍ପୂର୍ଣ୍ଣ ବଦଳାଇ ଦିଆଯାଇଛି ଏବଂ ଆଉ ତିନିଟିର ଉନ୍ନତିକରଣ ଆମେରିକାରେ ଜାରି ରହିଛି।

## କୋକା-କୋଲାର ‘ଦି ଲଷ୍ଟ ଭଏସେସ୍’ ହେଉଛି ଏକ ଦେଶବ୍ୟାପୀ ଅଭିଯାନ

**ଭୁବନେଶ୍ୱର, ୧୪।୭ (ନି.ପ୍ର):** କୋକା-କୋଲାର ‘ଦି ଲଷ୍ଟ ଭଏସେସ୍’ ହେଉଛି ଏକ ଦେଶବ୍ୟାପୀ ଅଭିଯାନ, ଯାହା ଭାରତର ଅସାଧାରଣ ଆବେଗପୂର୍ଣ୍ଣ ଫୁଟବଲ ପ୍ରଶଂସକମାନଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଫିଫା ବିଶ୍ୱକପ ଋତୁକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ଅଭିଯାନ ଏକ ଶକ୍ତିଶାଳୀ ସାଂସ୍କୃତିକ ସତ୍ୟକୁ ପ୍ରଦର୍ଶିତ କରୁଛି। ଯଦିଓ ଭାରତ ୧୯୫୫ ମସିହା ପରଠାରୁ ଏହି ଟୁର୍ଣ୍ଣାମେଂଟରେ ଖେଳି ନାହିଁ, ତଥାପି କେରଳରୁ ଗୋଆ ଏବଂ ଆସାମରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ପ୍ରଶଂସକ ବିଶ୍ୱସ୍ତରୀୟ ଦଳଗୁଡ଼ିକୁ ସେହିଭଳି ଗଭୀର ଆବେଗ ସହିତ ସମର୍ଥନ କରନ୍ତି, ଯେମିତିକି ସେମାନଙ୍କ ନିଜ ଦେଶର ଦଳ ପଡ଼ିଆରେ ଅଛନ୍ତି। ଏହି ଅଭିଯାନ ମାଧ୍ୟମରେ କୋକା-କୋଲା ଏହି ସମର୍ପିତ ପ୍ରଶଂସକମାନଙ୍କୁ ସମ୍ମାନିତ କରିବ ଏବଂ ସମଗ୍ର ଫିଫା ବିଶ୍ୱକପ ସମୟରେ ବ୍ରାଣ୍ଡର ସୋସିଆଲ ମିଡ଼ିଆ କ୍ଷେତ୍ରରେ ସେମାନଙ୍କର ପ୍ରକୃତ ବସିଯାଇଥିବା ସ୍ୱରକୁ ସ୍ଥାନ ଦେବ। ବ୍ରାଣ୍ଡର ଗ୍ଲୋବଲ ‘ଫିଲ ଇଟ ଅଲ’ ମଂଚ ଅଧୀନରେ ଶୁଭାରମ୍ଭ ହୋଇଥିବା କୋକା-କୋଲାର ‘ଦି ଲଷ୍ଟ ଭଏସେସ୍’ ବ୍ରାଣ୍ଡର କାହାଣୀ କହିବା ଶୈଳୀରେ ପ୍ରକୃତ ଆବେଗକୁ ସ୍ଥାନ ଦେଇ ପ୍ରଶଂସକମାନଙ୍କ ଉତ୍ସାହକୁ ଜୀବନ୍ତ କରିଦେଉଛି। କାର୍ତିକ ସୁବ୍ରମଣ୍ୟମ, ବରିଷ୍ଠ ନିର୍ଦ୍ଦେଶକ, ମାର୍କେଟିଙ୍ଗ, କୋକା-କୋଲା ଟିଏମ ଇଣ୍ଡିଆ ଆଣ୍ଡ ସାଉଥୱେଷ୍ଟ ଏସିଆ ମତବ୍ୟକ୍ତ କରି କହିଛନ୍ତି, ‘ଫିଫା ସହିତ ଆମର ଦୀର୍ଘଦିନର ସମ୍ପର୍କ ମାଧ୍ୟମରେ, କୋକା-କୋଲା ସର୍ବଦା ଫୁଟବଲ ପ୍ରେରଣା ଦେଉଥିବା ଉତ୍ସାହ, ଏକତା ଏବଂ ଭାବନାକୁ ପାଳନ କରି ଆସିଛି। ଭାରତରେ ଲକ୍ଷ ଲକ୍ଷ ପ୍ରଶଂସକ ବିଶ୍ୱର ବିଭିନ୍ନ ଦଳକୁ ଅଦ୍ଭୁତ ଭାବରେ ନିଜର ଭକ୍ତି ସହିତ ସମର୍ଥନ କରନ୍ତି, ଯାହା ପ୍ରମାଣିତ କରେ ଯେ ଫୁଟବଲ ପ୍ରତି ଥିବା ପାଗଳାମୀ ସୀମା ପାରଠାରୁ ବହୁ ଊର୍ଦ୍ଧ୍ୱରେ। ଦି ଲଷ୍ଟ ଭଏସେସ ମାଧ୍ୟମରେ ଆମେ ସେହି ପ୍ରଶଂସକମାନଙ୍କୁ ସେଲିବ୍ରେଟ କରୁଛୁ, ଯେଉଁମାନଙ୍କର ଉତ୍ସାହ ଏତେ ନିଚ୍ଛକ ଯେ ସେମାନେ ଦଳକୁ ଚିୟର-ଅପ କରିବା ସମୟରେ ନିଜ ସ୍ୱର ହଜାଇ ଦେଇଥାନ୍ତି। ସେମାନଙ୍କର ପ୍ରକୃତ ସ୍ୱରକୁ ଆମର ଏହି ଅଭିଯାନର ସ୍ୱରରେ ପରିଣତ କରି ଆମେ ସେହି ସମୁଦାୟ, ରୀତିନୀତି ଏବଂ ଭାବନାକୁ ସ୍ୱୀକୃତି ଦେଉଛୁ ଯାହା ପ୍ରତ୍ୟେକ ବିଶ୍ୱକପକୁ ଅବିସ୍ମରଣୀୟ କରିଥାଏ।

## କୋଟାକ ବିଜଲ୍ୟାବ୍ ଏବଂ ଏନଏସଆରସିଇଏଲ ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ପରବର୍ତୀ ସଂସ୍କରଣ ଘୋଷଣା

**ଭୁବନେଶ୍ୱର, ୧୪।୭ (ନି.ପ୍ର):** କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍ (‘କେଏମ୍ ବିଏଲ୍ ’ / ‘କୋଟାକ୍’) ଆଜି କୋଟାକ୍ ବିଜ୍ ଲ୍ୟାବ୍ ଦ୍ୱାରା ପରିଚାଳିତ ଏନ୍ଏସ୍ଆର୍‌ସିଇଏଲ୍ ଦ୍ୱାରା ମହିଳା ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍ (‘ଡବ୍ଲ୍ୟୁଏସ୍‌ପି’) ର ଆଗାମୀ ସଂସ୍କରଣ ଘୋଷଣା କରିଛି । କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ ଦ୍ୱାରା ଏକ ସିଏସଆର ପଦକ୍ଷେପ, ମହିଳା ପ୍ରତିଷ୍ଠାତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ, ଦୀର୍ଘ-ଚକ୍ର ସହାୟତା ପ୍ରଦାନ କରିଥାଏ, ଯାହା ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ସହରରେ ସମ୍ଭାବନାକୁ ଉନ୍ମୋଚନ କରିବା ଉପରେ ଏକ ସ୍ୱତନ୍ତ୍ର ଧ୍ୟାନ ଦେଇଥାଏ । ଡବ୍ଲ୍ୟୁଏସ୍ପି ବର୍ତମାନ ପର୍ଯ୍ୟନ୍ତ ୬୦୦+ ଆକାଂକ୍ଷୀ ଏବଂ ପ୍ରତିଷ୍ଠିତ ମହିଳା ଉଦ୍ୟୋଗୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଇକୋସିଷ୍ଟମ୍ ପ୍ରବେଶ ଏବଂ ପରାମର୍ଶଦାତା ଅଧୀନରେ ଆଣିଛି । ଭାରତର ଷ୍ଟାର୍ଟଅପ୍ ଆଧାର ୨୨୩,୦୦୦ ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଉଦ୍ୟୋଗରେ ପହଂଚିବା ପାଇଁ ଦ୍ରୁତ ଗତିରେ ବିସ୍ତାର ହୋଇଥିବାବେଳେ, ମହିଳା ଉଦ୍ୟୋଗୀମାନେ ସୀମିତ ଋଣ ଏବଂ କମ୍ ପରାମର୍ଶଦାତା ସୁଯୋଗ ଭଳି ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ଏହି ଚ୍ୟାଲେଞ୍ଜଗୁଡିକ ବିଶେଷ ଭାବରେ ଅଣ-ମେଟ୍ରୋରେ ତୀବ୍ର, ଯେଉଁଠାରେ ଯତ୍ନ ନେବାର ଦାୟିତ୍ୱ ସମେତ ସାମାଜିକ ଆଶା, ମହିଳାମାନଙ୍କୁ ସେମାନେ ବିନିଯୋଗ କରିବାକୁ ଥିବା ସମୟ କିମ୍ବା ବିପଦ ଦୃଷ୍ଟିରୁ ଅଧିକ ସୀମିତ କରିଥାଏ ।

ଜଣେ ମହିଳାଙ୍କ ଉଦ୍ୟୋଗୀ ଯାତ୍ରା ପ୍ରାୟତଃ ଅଣ-ରୈଖିକ ବୋଲି ସ୍ୱୀକାର କରି, ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଜେନେରିକ୍ ଇନକ୍ୟୁବେସନ ଠାରୁ ଆଗକୁ ବଢ଼ିଥାଏ । ଏହି କାର୍ଯ୍ୟକ୍ରମର ସ୍ଥାପତ୍ୟ ଚାରୋଟି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ବିସ୍ତାର କରିଛି: ଉଦ୍ୟୋଗ ଅନୁସନ୍ଧାନ ପାଇଁ ଏକ ମୂଳଦୁଆ ପର୍ଯ୍ୟାୟ; ଚାପ-ପରୀକ୍ଷା ଚିନ୍ତାଧାରା ପାଇଁ ପ୍ରି-ଇନକ୍ୟୁବେସନ; ବିକଶିତ ଏବଂ ପିଭଟିଂ ଉଦ୍ୟୋଗ ପାଇଁ




ଇନକ୍ୟୁବେସନ; ଏବଂ ଅଭିବୃଦ୍ଧି, ବିଶ୍ୱସନୀୟତା ଏବଂ ବଜାର ପ୍ରବେଶକୁ ନେଭିଗେଟ୍ କରୁଥିବା ପ୍ରତିଷ୍ଠାତାମାନଙ୍କ ପାଇଁ ଏକ ସ୍କେଲ-ଅପ୍ ହବ୍ । କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡର ସିଏସଆର ଏବଂ ଇଏସଜି ମୁଖ୍ୟ ହିମାଂଶୁ ନିବସରକର କହିଛନ୍ତି ‘ପୁଁଜି କେବଳ ସମସ୍ୟାର ଏକ ଅଂଶ ଏବଂ ପ୍ରାୟତଃ ପ୍ରଥମ ନୁହେଁ । ଅନେକ ମହିଳାଙ୍କ ପାଇଁ, ବଡ଼ ଆହ୍ୱାନ ହେଉଛି ସହକର୍ମୀ ଇକୋସିଷ୍ଟମର ଅଭାବ ଯାହା ସେମାନଙ୍କୁ ଦୀର୍ଘକାଳୀନ ନିଷ୍ପତି ନେବାରେ ସମର୍ଥନ କରେ । କୋଟାକ ବିଜଲ୍ୟାବ୍ସ ଅଧୀନରେ ଥିବା ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ସେହି ଆତ୍ମ-ସଶକ୍ତ ନେଟୱାର୍କ ନିର୍ମାଣ ପାଇଁ ପ୍ରତିଶ୍ରୁତିବଦ୍ଧ, ମହିଳା ପ୍ରତିଷ୍ଠାତାମାନଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ନିରନ୍ତରତା ପ୍ରଦାନ କରିବା ପାଇଁ ସେମାନେ ଆବଶ୍ୟକ କରନ୍ତି ଯେ ସେମାନେ ଉଦ୍ୟୋଗୀ ପାଇପଲାଇନରୁ ଦୂରେଇ ଯିବେ ନାହିଁ ।

ଏନଏସଆରସିଇଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରସିକା ପ୍ରଶାନ୍ତ କହିଛନ୍ତି, ‘ଭାରତରେ ଉଦ୍ୟୋଗର ପରବର୍ତୀ ତରଙ୍ଗ ବିଭିନ୍ନ ଭୌଗୋଳିକ କ୍ଷେତ୍ର, କ୍ଷେତ୍ର ଏବଂ ପ୍ରତିଷ୍ଠାତା ପୃଷ୍ଠଭୂମିରୁ ଉତ୍ପନ୍ନ ହେବ। ମହିଳା ଉଦ୍ୟୋଗୀମାନେ, ବିଶେଷ କରି ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟ ସହରରେ, ସେମାନଙ୍କ ସମ୍ପ୍ରଦାୟରେ ଜଟିଳ ଆହ୍ୱାନର ସମାଧାନ କରୁଛନ୍ତି, କିନ୍ତୁ ଅନେକ ସମୟରେ ମାପ କରିବା ପାଇଁ ଆବଶ୍ୟକ ନେଟୱାର୍କ ଏବଂ ସହାୟତା ପ୍ରଣାଳୀର ଅଭାବ ରହିଛି । ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ଗଠନମୂଳକ, ଦୀର୍ଘକାଳୀନ ସହାୟତା ପ୍ରଦାନ କରି ଏହି ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ ଯାହା ପରାମର୍ଶ, ବଜାର ପ୍ରବେଶ, ସହକର୍ମୀ ଶିକ୍ଷା ଏବଂ ଇକୋସିଷ୍ଟମ୍ ସଂଯୋଗକୁ ଏକତ୍ର କରିଥାଏ । କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ସହିତ ଆମର ନିରନ୍ତର ସହଭାଗୀତା ସହିତ, ଆମେ ଏପରି ପଥ ନିର୍ମାଣ କରୁଛୁ ଯାହା ଅଧିକ ମହିଳା ପ୍ରତିଷ୍ଠାତାଙ୍କୁ ଉଚ୍ଚାଭିଳାଷକୁ ସ୍ଥାୟୀ ଏବଂ ମାପନୀୟ ଉଦ୍ୟୋଗରେ ପରିଣତ କରିବାକୁ ସକ୍ଷମ କରିବ ।

ପ୍ରମୁଖ ସହରାଂଚଳ କେନ୍ଦ୍ରଗୁଡ଼ିକ ବାହାରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଲାଗି ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅଣ-ମେଟ୍ରୋ କ୍ଷେତ୍ରରେ ପ୍ରସାର ପ୍ରୟାସକୁ ବିସ୍ତାର କରୁଛି । ସାମ୍ପ୍ରତିକ ଗୋଷ୍ଠୀଗୁଡ଼ିକ ମଧ୍ୟରେ ପୁନଃଉତ୍ପାଦନକାରୀ କୃଷି, ସମ୍ପ୍ରଦାୟ ନେତୃତ୍ୱାଧୀନ ଶିକ୍ଷା, ବର୍ଜ୍ୟବସ୍ତୁ ଅପସାଇକ୍ଲିଂ ଏବଂ ପ୍ରୟୋଗାତ୍ମକ ପ୍ରଯୁକ୍ତିବିଦ୍ୟାରେ କାର୍ଯ୍ୟ କରୁଥିବା ଉଦ୍ୟୋଗ ଅନ୍ତର୍ଭୁକ୍ତ । ୨୦୨୫ କୋହର୍ଟର ସଫଳତାକୁ ଆଧାର କରି, ଯାହା ୩୦ ଟି ଷ୍ଟାର୍ଟଅପ୍ କୁ ୩ କୋଟି ଟଙ୍କା ପାଣ୍ଠି ସହିତ ସମର୍ଥନ କରିଥିଲା, ଏହି କାର୍ଯ୍ୟକ୍ରମ ଆଂଚଳିକ ଅନୁଷ୍ଠାନ ଏବଂ ଉଦ୍ୟୋଗୀ ଇକୋସିଷ୍ଟମ୍ ସହିତ ସହଭାଗିତାକୁ ଆହୁରି ଗଭୀର କରିବା ଜାରି ରଖିବ । କୋଟାକ୍ ବିଜଲ୍ୟାବରେ ମହିଳା ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମର ଏକୀକରଣ କୋଟାକର ଫ୍ଲାଗସିପ୍ ଉଦ୍ୟୋଗ ଏବଂ ନବସୃଜନ ଇକୋସିଷ୍ଟମରେ ଏହି କାର୍ଯ୍ୟକ୍ରମର ବିବର୍ତ୍ତନକୁ ଚିହ୍ନିତ କରେ, ଯାହା ସମସ୍ତ ପ୍ରକାରର ଉଦ୍ୟୋଗୀଙ୍କୁ ସାମଗ୍ରିକ ଭାବରେ ସେବା ଯୋଗାଇଥାଏ ।

